୧୦-୧୬ ଅଗଷ୍ଟ , ୨୦୨୫

ସକାଳ
THE SAKALA
ରବିବାର ସିନ୍ଦୁରା

- ଟ୍ରମ୍ପଙ୍କ ଶୁଳ୍କ ତାମସା
- ଭାରତର ଅଭ୍ୟୁଦୟରେ ଟ୍ରମ୍ପ ଭୟଭୀତ
- ଟ୍ରମ୍ପଙ୍କ ଟାରିଫ୍: ବୋଝ ଓ ବାସ୍ତବତା
- ଭାରତ-ଆମେରିକା ବାଣିଜ୍ୟିକ ସଂପର୍କ
- ଟ୍ରମ୍ପଙ୍କ ଶୁଳ୍କ ନୀତିର ପ୍ରଭାବ




# ଟ୍ରମ୍ପ ଟାରିଫ୍




ଭାରତ ଓ ଆମେରିକା ସଂପର୍କରେ ଫାଟ । ବନ୍ଧୁ ପାଲଟିଗଲା ବଇରୀ । ଭାରତ ଉପରେ ଆମେରିକା ପକ୍ଷରୁ ଟାରିଫ୍ ବା ଶୁଳ୍କ ବୃଦ୍ଧିକୁ ନେଇ ଉଭୟ ଦେଶ ମଧ୍ୟରେ ଚାଲିଛି ବାଣିଜ୍ୟିକ ଯୁଦ୍ଧ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର କ୍ଷମତାସୀନ ହେବା ପରେ ଭାରତ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ପ୍ରଥମେ ଚଳିତ ଅଗଷ୍ଟ ମାସ ୧ ତାରିଖରେ ୨୫ % ଟାରିଫ୍ ବୃଦ୍ଧି ପାଇଁ ଟ୍ରମ୍ପ ଧମକ ଦେଇଥିଲେ । ପରେ ଆଉ ୨୫ % ଟାରିଫ୍ ବୃଦ୍ଧି ନେଇ ଘୋଷଣା କରିଛନ୍ତି । ଭାରତ ଉପରେ ମୋଟ ୫୦ % ଟାରିଫ୍ ଲାଗୁ ପାଇଁ ଘୋଷଣା କରିଛନ୍ତି ଟ୍ରମ୍ପ । ଫଳରେ ଏବେ ଭାରତର ସାମଗ୍ରୀ ଆମେରିକାରେ ୫୦ ପ୍ରତିଶତ ଅଧିକ ଦରରେ ବିକ୍ରି ହେବ । ଏହା ଭାରତର ଅର୍ଥନୈତିକ କ୍ଷତିର ଆଶଙ୍କାକୁ ବଢ଼ାଇ ଦେଇଛି । ଭାରତ ଉପରେ ଶୁଳ୍କ ବୃଦ୍ଧି ଘୋଷଣା ବୈଶ୍ୱିକ ଯୋଗାଣ ଶୃଙ୍ଖଳାରେ ଆମେରିକାର ପ୍ରଭାବ ପ୍ରତିପାଦନ ବୋଲି ଟ୍ରମ୍ପ କହିଛନ୍ତି । ତେବେ ଭାରତର ରୁଷ୍ ସହିତ ବଢୁଥିବା ପ୍ରତିରକ୍ଷା ଓ ଶକ୍ତି ସଂପର୍କ ସହିତ ଜଡ଼ିତ ବୋଲି କୁହାଯାଉଛି । ସେପଟେ ରୁଷ୍‌ଠାରୁ ଭାରତ ତେଲ କିଣୁଥିବାର ଏହାର ରାଗ ସୁଝାଉଛି ଆମେରିକା ବୋଲି ଗଣମାଧ୍ୟମରେ ଆଲୋଚନା ହେଉଛି । କେବଳ ଭାରତ ଉପରେ ନୁହେଁ, ଚୀନ୍, ଭିଏତନାମ, ବାଂଲାଦେଶ,ଇଣ୍ଡୋନେସିଆ, ଦକ୍ଷିଣ କୋରିଆ, ମାଲେସିଆ, ଫିଲିଫାଇନ୍ସ ଆଦି ଦେଶ ଉପରେ ମଧ୍ୟ ଟ୍ରମ୍ପ ଶୁଳ୍କ ଲଗାଇଛନ୍ତି । ତେବେ ଭାରତ ଉପରେ ଟ୍ରମ୍ପଙ୍କ ସର୍ବାଧିକ ଶୁଳ୍କ ଲାଗୁ ଘୋଷଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଯଦି ଆମେରିକା ପକ୍ଷରୁ ଭାରତ ଉପରେ ବର୍ଦ୍ଧିତ ଶୁଳ୍କ ଲାଗୁ କରାଯାଏ,ତେବେ ଭାରତରୁ ରପ୍ତାନି ଦ୍ରବ୍ୟ ଆମେରିକାରେ ବିକ୍ରି କରିବା ଆହୁରି କଷ୍ଟକର ହୋଇଯିବ । ଏହି ପରିପ୍ରେକ୍ଷୀରେ ଭାରତ ଉପରେ ଟ୍ରମ୍ପଙ୍କ ଅଧିକ ଶୁଳ୍କ ଲାଗୁ ପଛରେ କ'ଣ ରହିଛି ଉଦ୍ଦେଶ୍ୟ? ଆଗକୁ କିଭଳି ରହିବ ଭାରତ-ଆମେରିକା ବାଣିଜ୍ୟିକ ସଂପର୍କ? ବର୍ଦ୍ଧିତ ଶୁଳ୍କ ଲାଗୁ ହେଲେ କେଉଁ କେଉଁ କ୍ଷେତ୍ରରେ ଭାରତ କ୍ଷତିଗ୍ରସ୍ତ ହେବ?

ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା:

# ଟ୍ରମ୍ପ ଟାରିଫ୍

ପ୍ରସ୍ତୁତି 'ସକାଳ' ବ୍ୟୁରୋ




## କେମିତି କଟିବ ସପ୍ତାହ

**ମେଷ**
ରବି,ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ମାନସମ୍ମାନ ପାଇବେ । ବୁଧ, ଗୁରୁବାରରେ ହଠାତ୍ ପରିବାରରେ ସୁଖସନ୍ତୋଷ ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ । ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ମନଦେବେ ।

**ବୃଷ**
ରବି, ସୋମ, ମଙ୍ଗଳବାରରେ ଧର୍ମପରାୟଣ ହେବେ । ବୁଧ, ଗୁରୁବାରରେ ଗୁରୁଜନଙ୍କ ସହଯୋଗ ପାଇବେ । ଅଟକି ରହିଥିବା କାର୍ଯ୍ୟ ସଫଳ ହେବ । ଶୁକ୍ର, ଶନିବାରରେ ଦୁଃସାହସିକ ପଦକ୍ଷେପ ନେଇ ପାରନ୍ତି । ମାନସିକ ସୁଖଶାନ୍ତି ପ୍ରାପ୍ତି ହେବ ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ ନିଜ ପ୍ରତିଭାକୁ ପ୍ରମାଣ କରିବେ । ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ । ବୁଧ, ଗୁରୁବାରରେ ବନ୍ଧୁଙ୍କ ସହ ମନାନ୍ତର ଦେଖାଦେବ । ଶୁକ୍ର, ଶନିବାରରେ ଚେଷ୍ଟାକରି ସଫଳତା ପାଇବେ । ଭବିଷ୍ୟତକୁ ନେଇ ଚିନ୍ତିତ ରହିବେ ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ ସମାଜରେ ମାନସମ୍ମାନ ବୃଦ୍ଧି ପାଇବ । ବୁଧ, ଗୁରୁବାରରେ କାର୍ଯ୍ୟରେ ମନ୍ଥର ଯୋଗୁ ଅସୁବିଧାରେ ପଡ଼ିପାରନ୍ତି । ଶୁକ୍ର, ଶନିବାରରେ ଗୁରୁଜନଙ୍କ ସହଯୋଗ ପାଇ ଆଗକୁ ବଢ଼ିବେ । ସାଙ୍ଗସାଥୀଙ୍କ ସହ ମଜାମସ୍ତି କରିବେ ।

**ସିଂହ**
ରବି, ସୋମ, ମଙ୍ଗଳବାରରେ ବନ୍ଧୁବାନ୍ଧବଙ୍କଠାରୁ ଆର୍ଥିକ ସହଯୋଗ ପାଇପାରନ୍ତି । କୌଣସି କଥାକୁ ନେଇ ବ୍ୟସ୍ତତା ଭିତରେ ରହିବେ । ବୁଧ, ଗୁରୁବାରରେ ପ୍ରିୟଜନଙ୍କ ପ୍ରତି ସମ୍ବେଦନଶୀଳ ହେବେ । ଶୁକ୍ର, ଶନିବାରରେ ମହିଳାମାନେ ଆତ୍ମନିର୍ଭରଶୀଳ ହେବେ ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ ଭବିଷ୍ୟତ ପାଇଁ ଯୋଜନା କାର୍ଯ୍ୟକାରୀ କରିବେ । ସହକର୍ମୀଙ୍କ ସହଯୋଗ ପାଇବେ । ବୁଧ, ଗୁରୁବାରରେ ଦ୍ରବ୍ୟହାନି ହୋଇପାରେ । ଶୁକ୍ର, ଶନିବାରରେ ଉଚ୍ଚଆଶା ସଫଳ ହେବ ।

**ତୁଳା**
ରବି, ସୋମ, ମଙ୍ଗଳବାରରେ ବନ୍ଧୁ ମନାନ୍ତର ଦେଖାଦେଇପାରେ । ଅର୍ଥଚିନ୍ତା ଲାଗି ରହିବ । ବୁଧ, ଗୁରୁବାରରେ ପରିଶ୍ରମର ଫଳ ପ୍ରାପ୍ତି ଓ ସନ୍ତାନମାନେ ଉନ୍ନତି କରିବେ । ଶୁକ୍ର, ଶନିବାରରେ ଶତ୍ରୁମାନଙ୍କ କୂଟଚକ୍ରାନ୍ତର ଶିକାର ହେବେ । ବ୍ୟବସାୟ ଲାଭଜନକ ରହିବ ।

**ବିଛା**
ରବି, ସୋମ, ମଙ୍ଗଳବାରରେ ଦୀର୍ଘ ଦିନର ଯୋଜନା ସଫଳ ହେବ । ବୁଧ, ଗୁରୁବାରରେ ପରିବାରରେ ସୁଖଶାନ୍ତି ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ସମସ୍ୟା ଭିତରେ ରହି ପରିବାର ସହ ସମୟ ଅତିବାହିତ କରିବେ ।

**ଧନୁ**
ରବି, ସୋମ,ମଙ୍ଗଳବାରରେ ବ୍ୟୟବହୁଳତା କାରଣରୁ ଅଭାବ ଅସୁବିଧା ଲାଗି ରହିବ । ବୁଧ, ଗୁରୁବାରରେ ପରିବାରରେ ନିବିଡ଼ତା ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ଅର୍ଥପ୍ରାପ୍ତି ଯୋଗ ରହିଛି । ପରିବାରରେ ଉତ୍ତମ ବୁଝାମଣା ରହିବ । ଦୂରସ୍ଥାନକୁ ଯାତ୍ରାଯୋଗ ରହିଛି ।

**ମକର**
ରବି, ସୋମ, ମଙ୍ଗଳବାରରେ ମୂଲ୍ୟବାନ ଦ୍ରବ୍ୟ ଲାଭ କରିବାର ଯୋଗ ରହିଛି । ବୁଧ, ଗୁରୁବାରରେ ବିଭିନ୍ନ ଉପାୟରେ ଆୟ ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ସହକର୍ମୀଙ୍କ ସହଯୋଗ ପାଇପାରନ୍ତି । ବ୍ୟବସାୟିକ ଶୁଭଫଳ ମିଳିବ ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ ପଡ଼ୋଶୀଙ୍କ ସହଯୋଗ ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବୁଧ, ଗୁରୁବାରରେ ସମାଜରେ ପ୍ରତିଷ୍ଠିତ ହେବେ । କର୍ମକ୍ଷେତ୍ରରେ ବାଦବିବାଦ ପରିସ୍ଥିତିରୁ ଦୂରେଇ ରୁହନ୍ତୁ । ଶୁକ୍ର, ଶନିବାରରେ କୌଣସି କ୍ଷେତ୍ରରେ ଠକାମିର ଶିକାର ହୋଇପାରନ୍ତି ।

**ମୀନ**
ରବି, ସୋମ, ମଙ୍ଗଳବାରରେ ଯୋଜନା କରି ସଫଳ ହେବେ । ସନ୍ତାନମାନେ ଉନ୍ନତି କରିବେ । ବୁଧ, ଗୁରୁବାରରେ ପୁରୁଣା କାର୍ଯ୍ୟ ପାଇଁ ପଶ୍ଚାତାପ କରିପାରନ୍ତି । ଶୁକ୍ର, ଶନିବାରରେ ବନ୍ଧୁବାନ୍ଧବଙ୍କ ସହ ସୁଖମୟ ଦିନଚର୍ଯ୍ୟା । ବ୍ୟବସାୟରେ ଲାଭାନ୍ୱିତ ହେବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com




# ଟ୍ରମ୍ପଙ୍କ ଶୁଳ୍କ ତାମସା

**କୈଳାସ ମଙ୍ଗରାଜ, ଭୁବନେଶ୍ୱର**

ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ପଦରେ ବସିବା ପରେ ସାରା ବିଶ୍ୱ ପାଇଁ ଅଡୁଆ ପାଲଟି ଯାଇଛନ୍ତି। ୟୁକ୍ରେନ୍ ଯୁଦ୍ଧଠାରୁ ଆରମ୍ଭ କରି ଇସ୍ରାଏଲ୍-ଇରାନ୍, ଭାରତ-ପାକିସ୍ତାନ ଯୁଦ୍ଧ ଏବଂ ବିଭିନ୍ନ ରାଷ୍ଟ୍ରର ରାଜନୈତିକ କ୍ଷେତ୍ରରେ ଅଯଥା ହସ୍ତକ୍ଷେପ କରି ସର୍ବଦା ବିବାଦରେ ରହିଛନ୍ତି। ବର୍ତ୍ତମାନ ଟ୍ରମ୍ପଙ୍କ ଆଉ ଏକ ବଡ଼ ନିଷ୍ପତ୍ତି ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି। ଟ୍ରମ୍ପ ଏବେ ବିଶ୍ୱର ସବୁ ରାଷ୍ଟ୍ର ଉପରେ ବାଣିଜ୍ୟ ଶୁଳ୍କ ବା ଟାରିଫ୍ ଲଗାଇବାକୁ ଘୋଷଣା କରିଛନ୍ତି। ଏହି ଅନୁକ୍ରମରେ ଟ୍ରମ୍ପ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିବାକୁ ଘୋଷଣା କରିବା ସହ ରୁଷିଆଠାରୁ ତେଲ କ୍ରୟକୁ ନେଇ ତୀବ୍ର ଅସନ୍ତୋଷ ଜାହିର କରିଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ଏହା ସତ୍ତ୍ୱେ ଭାରତର ସ୍ଥିତି ବହୁତ ସୁଦୃଢ଼। ଭାରତ ଉପରେ ଆମେରିକା ୫୦% ଶୁଳ୍କ ଲାଗୁ କରିପାରେ, କିନ୍ତୁ ଔଷଧ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ଭଳି ଭାରତର ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ରପ୍ତାନି ଉପରେ ଏହାର କୌଣସି ପ୍ରଭାବ ପଡ଼ିବାର ସମ୍ଭାବନା ନାହିଁ। ବିଶେଷଜ୍ଞଙ୍କ ମତରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଶୁଳ୍କ ଧମକ ସମ୍ପୂର୍ଣ୍ଣ ଭାବେ ଏକ ନାଟକ, ଯେଉଁଥିରେ ଭାରତ ଉପରେ ଚାପ ପକାଇବା ପାଇଁ ଏକ ପ୍ରୟାସ କରାଯାଇଛି। ଏହାଦ୍ୱାରା ଆମେରିକା ସପକ୍ଷରେ ଅଧିକ ଅନୁକୂଳ ଚୁକ୍ତି ସ୍ୱାକ୍ଷର କରାଯାଇପାରିବ। ଶୁଳ୍କ ପ୍ରସଙ୍ଗରେ ନିର୍ଦ୍ଦିଷ୍ଟ ଭାବେ ଜୁଲାଇରେ ଭାରତ-ଆମେରିକା ସମ୍ପର୍କ ଖୁବ୍ ତଳସ୍ତରକୁ ଚାଲିଯାଇଛି। ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର କଠୋର ନୀତି ଯୋଗୁଁ ଦୁଇ ଦେଶ ମଧ୍ୟରେ ବିଶ୍ୱାସ ହ୍ରାସ ପାଇଛି।




## ଟ୍ରମ୍ପଙ୍କ ଧମକର କାରଣ

ଟ୍ରମ୍ପଙ୍କ ଶୁଳ୍କ ଧମକ କେବଳ ଭାରତକୁ ତା'ର ଶକ୍ତି କ୍ଷେତ୍ରରେ ପସନ୍ଦ ଦେଶକୁ ଚୟନ କରିବା ତାହା ନୁହେଁ। ଏହା ଏକ ପ୍ରକାର ଚାପ। ଆମେରିକା ଦ୍ୱାରା ଲାଗୁ ଶୁଳ୍କ ଭାରତର ରପ୍ତାନିର ପ୍ରାୟ ଏକ ପଞ୍ଚମାଂଶ ଅର୍ଥାତ୍ ବୟନ ଶିଳ୍ପ, ଔଷଧ, ଅଟୋ ଯନ୍ତ୍ରାଂଶ ଏବଂ ଇଲେକ୍ଟ୍ରୋନିକ୍ସ ଭଳି ପ୍ରମୁଖ କ୍ଷେତ୍ରକୁ ପ୍ରଭାବିତ କରିବ। ବଜାର ବିଶ୍ଳେଷକମାନେ କହିଛନ୍ତି ଯେ, ଟ୍ରମ୍ପ୍ ଶୁଳ୍କକୁ ଏକ ସ୍ପଷ୍ଟ ଅସ୍ତ୍ର ଭାବରେ ନୁହେଁ ବରଂ ଭାରତର ବାଣିଜ୍ୟ ଏବଂ ଶକ୍ତି ପ୍ରାଥମିକତାକୁ ଦିଗହୀନ କରିବା ପାଇଁ ଏକ ସୁଚିନ୍ତିତ ରଣନୀତି ଭାବରେ ବ୍ୟବହାର କରୁଛନ୍ତି। ଭାରତ ପୂର୍ବରୁ ଏକ ବର୍ଦ୍ଧିତ ଗ୍ରାହକ ବଜାର। ଆମେରିକୀୟ ଶକ୍ତି ସୂଚନା ପ୍ରଶାସନ ଅନୁଯାୟୀ, ୨୦୨୫ର ପ୍ରଥମାର୍ଦ୍ଧରେ ଭାରତରେ ଆମେରିକାର ଅଶୋଧିତ ତୈଳ ଯୋଗାଣ ୫୦% ରୁ ଅଧିକ ବୃଦ୍ଧି ପାଇବାକୁ ଯାଉଛି, ଯାହା ବର୍ତ୍ତମାନ ଭାରତର ତୈଳ ଆମଦାନୀର ୮%। ଭାରତ ଯେତେ ଅଧିକ ଆମେରିକୀୟ ତୈଳ ଏବଂ ଏଲଏନଜି କ୍ରୟ ପ୍ରତି ଝୁଙ୍କିବ, ସେତେ ଅଧିକ ଏହା ଆମେରିକୀୟ ଶକ୍ତି କ୍ଷେତ୍ରରେ ପାଦ ରଖିବ ଏବଂ ଟ୍ରମ୍ପଙ୍କ ସମର୍ଥକମାନେ ସେଥିରୁ ଲାଭବାନ ହେବେ।






## ଭାରତର ସଫଳ ଅର୍ଥନୀତି

ଟ୍ରମ୍ପ ବାରମ୍ବାର ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିବା ବିଷୟରେ ଦାବି କରିଛନ୍ତି। ଏହାବ୍ୟତୀତ, ରୁଷୀୟ ତେଲ କିଣିବା ପାଇଁ ୫୦% ପ୍ରତିଶତ ଶୁଳ୍କ ସହିତ ଜରିମାନା ମଧ୍ୟ ଲଗାଇଛନ୍ତି। ଏହାକୁ ବିଶେଷଜ୍ଞମାନେ ଭାରତର ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି କହୁଛନ୍ତି। ଯେତେବେଳେ ଭାରତ ବିଶ୍ୱର କିଛି ଦେଶ ମଧ୍ୟରୁ ଗୋଟିଏ ଥିଲା, ଯିଏ ପ୍ରଥମେ ଟ୍ରମ୍ପ ପ୍ରଶାସନ ସହିତ ବାଣିଜ୍ୟ ଚୁକ୍ତି ବିଷୟରେ କଥାବାର୍ତ୍ତା ଆରମ୍ଭ କରିଥିଲା, କିନ୍ତୁ ଏ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ କୌଣସି ଚୁକ୍ତି ହୋଇନାହିଁ। ସେ କହିଛନ୍ତି, ଯଦି ଭାରତ ଆମେରିକା ସହିତ ଚୁକ୍ତି କରିବାରେ ସଫଳ ହୁଏ, ତେବେ ଏହା ବଡ଼ ଆଶ୍ଚର୍ଯ୍ୟ ହେବ। ବର୍ତ୍ତମାନର ଟ୍ରମ୍ପ୍ ପ୍ରଶାସନ ଭାରତର ହିତ ବିଷୟରେ ଚିନ୍ତିତ ନୁହେଁ। ଆମେରିକା ଭାରତକୁ ଚୀନ୍ ବିରୁଦ୍ଧରେ ବ୍ୟବହାର କରିବାକୁ ଚାହୁଁଛି। ଟ୍ରମ୍ପ ଭାରତୀୟ ନିର୍ମାତାଙ୍କ ପାଇଁ ଆମେରିକାର ଦ୍ୱାର ଖୋଲିବେ ନାହିଁ ଏବଂ ଏହା ଆମେରିକାର ଏକ ବଡ଼ ଖେଳ ଯେ, ଆମେ ଚୀନକୁ କିପରି ବିଭିନ୍ନ କ୍ଷେତ୍ରରେ ହଟାଇବୁ। କିନ୍ତୁ ଭାରତ ଏକ ସଫଳ ଅର୍ଥନୀତି ପାଳଟିଛି। ବର୍ତ୍ତମାନ ଏହା ଘଟୁଛି ଏବଂ ଭବିଷ୍ୟତରେ ଯେତେବେଳେ ଭାରତ ଆହୁରି ଶକ୍ତିଶାଳୀ ହେବ, ଆମେରିକା ଚୀନ୍ ପରି ଭାରତକୁ ପସନ୍ଦ କରିବ ନାହିଁ। ଆଉ ଏହା ଆଗାମୀ ଦିନରେ ହିଁ ଘଟିବାକୁ ଯାଉଛି।

## ଅଟୋ ଯନ୍ତ୍ରାଂଶଠାରୁ ଚିଙ୍ଗୁଡ଼ି ରପ୍ତାନି ପ୍ରଭାବିତ









ଭାରତ ଉପରେ ଆମେରିକା ୨୫ ପ୍ରତିଶତ ଶୁଳ୍କ ଅଗଷ୍ଟ ୭ରୁ କାର୍ଯ୍ୟକାରୀ କରିବାକୁ ଘୋଷଣା କରାଯାଇଥିଲା। ଟ୍ରମ୍ପ ଭାରତ ଉପରେ ଶୁଳ୍କ ଘୋଷଣା କରିବା ସମୟରେ କହିଛନ୍ତି ଯେ,ବନ୍ଧୁ ହେବା ସତ୍ତ୍ୱେ ଭାରତ ଏବଂ ଆମେରିକା ତୁଳନାତ୍ମକ ଭାବରେ କମ୍ ବାଣିଜ୍ୟ କରିଛନ୍ତି। ତେବେ ଟ୍ରମ୍ପଙ୍କ ଏହି ଶୁଳ୍କ ଦ୍ୱାରା ଭାରତର କେଉଁ ସବୁ କ୍ଷେତ୍ର ପ୍ରଭାବିତ ହେବ ସେ ସଂପର୍କରେ ଜାଣିବା।

ବଜାର ବିଶେଷଜ୍ଞଙ୍କ ମତରେ ଭାରତ ଯେଉଁ ସମସ୍ତ କ୍ଷେତ୍ରରୁ ଆମେରିକାକୁ ସାମଗ୍ରୀ ରପ୍ତାନି କରେ ତାହା ପ୍ରଚୁର ମାତ୍ରାରେ କ୍ଷତିଗ୍ରସ୍ତ ହେବ। ଉଦାହରଣ ସ୍ୱରୂପ, ଅଟୋ ଯନ୍ତ୍ରାଂଶ ନିର୍ମାଣକାରୀ କମ୍ପାନୀ, ବୟନ ଶିଳ୍ପ, ଧାତୁ ଏବଂ ଔଷଧ କମ୍ପାନୀଗୁଡ଼ିକ ଟ୍ରମ୍ପଙ୍କ ଶୁଳ୍କ ଦ୍ୱାରା ପ୍ରଭାବିତ ହୋଇପାରନ୍ତି। ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ମହଙ୍ଗା ମୂଲ୍ୟରେ ଆମେରିକାରେ ଉପଲବ୍ଧ ହେବ। ଏହା ସେମାନଙ୍କର ବିକ୍ରି ହ୍ରାସ କରିବ ଏବଂ କମ୍ପାନୀଗୁଡ଼ିକକୁ କ୍ଷତି ସହିବାକୁ ପଡ଼ିବ। ଅପରପକ୍ଷେ କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି କହିଛନ୍ତି ଯେ, ଭାରତର ସାମୁଦ୍ରିକ ଖାଦ୍ୟ, ବିଶେଷ କରି ଚିଙ୍ଗୁଡ଼ି ରପ୍ତାନି, ଆମେରିକାର ଏହି ଶୁଳ୍କ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହେବ। ଆମେରିକାକୁ ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନିର ପ୍ରାୟ ୬୬% ହେଉଛି ଚିଙ୍ଗୁଡ଼ି। ୨୦୨୪-୨୫ରେ ଭାରତ ୪.୮୮ ବିଲିୟନ ଡଲାର ମୂଲ୍ୟର ଚିଙ୍ଗୁଡ଼ି ଆମେରିକାକୁ ରପ୍ତାନି କରିଥିଲା। ଭାରତର ପ୍ରାୟ ଅଧା ଚିଙ୍ଗୁଡ଼ି ରପ୍ତାନି ଆମେରିକାକୁ ହେଉଛି। ଭାରତୀୟ ରପ୍ତାନି ସଂଗଠନ ଫେଡେରେସନ୍‌ର ଡିଜି ଏବଂ ସିଇଓ ଡକ୍ଟର ଅଜୟ ସହାୟ କହିଛନ୍ତି, ଭାରତ ଉପରେ ଲାଗୁ କରାଯାଇଥିବା ୫୦% ଶୁଳ୍କ ଟିକେ ଅଧିକ। ଆମେ ଆମେରିକା ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ କଥାବାର୍ତ୍ତା କରୁଛୁ। ଏହା ବ୍ୟତୀତ, କେଉଁ ଜୋରିମାନା ଲାଗୁ ହେବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଆମେ ଆମେରିକୀୟ ଆମଦାନୀକାରୀଙ୍କ ସହିତ ଦୀର୍ଘକାଳୀନ ସମ୍ପର୍କ ବିଷୟରେ କଥା ହୋଇପାରିବା, କାରଣ କିଛି ମାସ ମଧ୍ୟରେ ଭାରତ ଏବଂ ଆମେରିକା ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ହେବ, ଯାହା ଏହି ଶୁଳ୍କକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବ।

## ଭାରତ କେଉଁ କ୍ଷେତ୍ରରେ ସୁଦୃଢ଼








ବିଶେଷଜ୍ଞଙ୍କ ଅନୁଯାୟୀ, ଆମେରିକା ଦ୍ୱାରା ୫୦% ଶୁଳ୍କ ବୃଦ୍ଧି ଭାରତର ଫାର୍ମା, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ଭଳି ଗୁରୁତ୍ୱପୂର୍ଣ୍ଣ ରପ୍ତାନି କ୍ଷେତ୍ରକୁ ପ୍ରଭାବିତ କରିବ ନାହିଁ। କେବଳ କିଛି କ୍ଷେତ୍ର ଯେପରିକି ବୟନ ଶିଳ୍ପ ଏବଂ ଅଟୋ ଭଳି କିଛି କ୍ଷେତ୍ର ସୀମିତ ଭାବରେ ପ୍ରଭାବିତ ହେବ। ଯଦିଓ ଏହି ୫୦% ଶୁଳ୍କ ଲାଗୁ କରାଯାଏ, ଫାର୍ମା, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ସମ୍ପୂର୍ଣ୍ଣ ଛାଡ଼ ପାଇବାର ସମ୍ଭାବନା ଅଛି। ଟାରିଫ୍ ବ୍ୟତୀତ, ଆମେରିକାକୁ ଇଲେକ୍ଟ୍ରୋନିକ୍ସ ଏବଂ ଔଷଧ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତକୁ ବହୁତ ଆବଶ୍ୟକତା ଅଛି। ତାଙ୍କ ଅନୁସାରେ ଆପଲ୍ ଏକ ବଡ଼ କମ୍ପାନୀ। ଆପଲ୍ ପାଇଁ ଭାରତରେ ଉତ୍ପାଦନ ବୃଦ୍ଧି କରିବା ବହୁତ ଗୁରୁତ୍ୱପୂର୍ଣ୍ଣ। ବିଶେଷଜ୍ଞଙ୍କ ଅନୁସାରେ, ଟ୍ରମ୍ପ ଆମେରିକୀୟ କୃଷି ଏବଂ ଦୁଗ୍ଧ ଉତ୍ପାଦ ପାଇଁ ଭାରତର ବଜାର ଖୋଲିବା ପାଇଁ ଚାପ ସୃଷ୍ଟି କରୁଛନ୍ତି। ଭାରତ ଦୀର୍ଘ ସମୟ ଧରି ଏହାକୁ ବିରୋଧ କରିଆସୁଛି।

## ତେଲ ଆମଦାନୀ ଦୁଇ ଗୁଣ ବୃଦ୍ଧି


ଟ୍ରମ୍ପ କ୍ଷମତାକୁ ଆସିବା ପରେ ଭାରତ ତା'ର ତୈଳ ଆମଦାନୀ ବୃଦ୍ଧି କରିଛି। ଚଳିତବର୍ଷ ଜାନୁଆରୀ ପରଠାରୁ ଆମେରିକାରୁ ଭାରତ ଅଧିକ ତେଲ କିଣିବା ଆରମ୍ଭ କରିଛି। ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ହେବା ପରେ ଆମେରିକାରୁ ଭାରତର ଅଶୋଧିତ ତୈଳ ଆମଦାନୀ ୫୧ ପ୍ରତିଶତ ବୃଦ୍ଧି ପାଇଛି। କାରଣ ଗତ ବର୍ଷ ତୁଳନାରେ ଆମଦାନୀ ଅଧାରୁ ଅଧିକ ବୃଦ୍ଧି ପାଇଛି। ରିପୋର୍ଟ ଅନୁଯାୟୀ, ଜାନୁଆରୀ ପରଠାରୁ ଭାରତ ଆମେରିକାରୁ ତେଲ କିଣିବା ବଢ଼ାଇଛି। ଗତବର୍ଷ ଏହି ସମୟ ମଧ୍ୟରେ, ଭାରତ ପ୍ରତିଦିନ ୦.୧୮ ନିୟୁତ ବ୍ୟାରେଲ ତେଲ ଆମଦାନୀ କରିଥିଲା। ଯାହା ଚଳିତବର୍ଷ ପ୍ରତିଦିନ ୦.୨୭୧ ନିୟୁତ ବ୍ୟାରେଲକୁ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ଏପ୍ରିଲ-ଜୁନ୍ ୨୦୨୫ରେ ଆହୁରି ଦ୍ରୁତ ଗତିରେ ବୃଦ୍ଧି ପାଇଛି, ଯାହା ୨୦୨୪ ତୁଳନାରେ ୧୧୪% ଅଧିକ। ୨୦୨୪-୨୫ର ପ୍ରଥମ ତ୍ରୈମାସିକରେ ଭାରତ ୧.୭୩ ବିଲିୟନ ଡଲାର ମୂଲ୍ୟର ତେଲ ଆମଦାନୀ କରିଥିଲା। ସେହି ସମୟରେ, ୨୦୨୫-୨୬ର ପ୍ରଥମ ତ୍ରୈମାସିକରେ ଏହି ପରିମାଣ ୩.୭ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଜୁଲାଇରେ ଭାରତ ଜୁନ୍ ତୁଳନାରେ ଆମେରିକାରୁ ୨୩% ଅଧିକ ଅଶୋଧିତ ତେଲ ଆମଦାନୀ କରିଥିଲା।




## ଭାରତର ଦୃଢ଼ ଜବାବ

ରୁଷ୍ ସହିତ ବାଣିଜ୍ୟ ଏବଂ ଅସ୍ତ୍ରଶସ୍ତ୍ର ଚୁକ୍ତି ଯୋଗୁଁ ଟ୍ରମ୍ପ ପ୍ରଶାସନ ପ୍ରଥମେ ଭାରତ ଉପରେ ୨୫% ଶୁଳ୍କ ଧମକ ଦେଇଥିଲା। ଏହାପରେ ଏବେ ଟ୍ରମ୍ପଙ୍କ ପରାମର୍ଶଦାତା ଷ୍ଟିଫେନ ମିଲର ଭାରତ ଉପରେ ୧୦୦% ଶୁଳ୍କ ଲାଗୁ କରିବାକୁ ଚେତାବନୀ ଦେଇଥିଲେ। ଆମେରିକା ରୁଷ୍-ୟୁକ୍ରେନ ଯୁଦ୍ଧରେ ମଧ୍ୟ ଭାରତର ନାମ ଉଠାଇଛନ୍ତି ନେଇଥିଲା। ତେବେ ଏହାର ଭାରତ ଦୃଢ଼ ଜବାବ୍ ଦେଇଛି। ଭାରତ କହିଛି ଯେ ରୁଷର ବିଶ୍ୱାସ ଭାଙ୍ଗିବନି।

## ବଡ଼ କ୍ଷତିର ସଙ୍କେତ


ଅଜୟ ଶ୍ରୀବାସ୍ତବ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତୀୟ ସାମଗ୍ରୀ ଉପରେ ୫୦% ଅତିରିକ୍ତ ଶୁଳ୍କ ଲାଗୁ କରିବା ଦ୍ୱାରା ଭାରତ ପ୍ରଚୁର କ୍ଷତି ସହିବ। ଏହାଛଡ଼ା ଆମେରିକାକୁ ଭାରତର ରପ୍ତାନି ୩୦% ପର୍ଯ୍ୟନ୍ତ ହ୍ରାସ ପାଇପାରେ। ଜିଟିଆର୍‌ଆଇଟି ରିପୋର୍ଟ ଅନୁଯାୟୀ, ଏହା ଯୋଗୁଁ ଚଳିତ ଆର୍ଥିକ ବର୍ଷରେ ଭାରତର ରପ୍ତାନି ୬୦.୦ ବିଲିୟନ ଡଲାରକୁ ଖସିଆସିବା ଆଶଙ୍କା କରାଯାଉଛି। ଜିଟିଆର୍‌ଆଇ ରପ୍ତାନିକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କୁ ଅନେକ ପରାମର୍ଶ ଦେଇଛି। ସେହି ସମୟରେ, ମୁଡିସ୍ ରେଟିଂ ଏଜେନ୍ସି କହିଛି ଯେ, ଆମେରିକା ବଜାରରେ କମ୍ ପ୍ରବେଶ ହେତୁ ଭାରତର ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ହ୍ରାସ ପାଇପାରେ। ତଥାପି, ଘରୋଇ ଚାହିଦା ଦୃଢ଼ ରହିବ ବୋଲି ଆଶା କରାଯାଉଛି।

ଜି ଟି ଆ ର୍ ଆ ଇ ଇ ଆକଳନ କରୁଛି ଯେ, ଏହି ଶୁଳ୍କ ଯୋଗୁଁ ଚଳିତ ଆର୍ଥିକ ବର୍ଷରେ ଭାରତର ଆମେରିକାକୁ ରପ୍ତାନି ୩୦% ପର୍ଯ୍ୟନ୍ତ ହ୍ରାସ ପାଇପାରେ। ଏହାର ଅର୍ଥ ହେଉଛି ରପ୍ତାନି ୮୬.୫ ବିଲିୟନ ଡଲାରରୁ ପ୍ରାୟ ୬୦.୬ ବିଲିୟନ ଡଲାରକୁ ହ୍ରାସ ଘଟିବ। ଜିଟିଆର୍‌ଆଇ ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବ କହିଛନ୍ତି, "ଭାରତୀୟ ସାମଗ୍ରୀ ଉପରେ ପ୍ରବଳ ଚାପ ରହିଛି। ଏହାର ଅର୍ଥ ହେଉଛି, ଯେ ଭାରତୀୟ ସାମଗ୍ରୀ ଏବେ ଆମେରିକାରେ ବିକ୍ରି କରିବା ମହଙ୍ଗା ହୋଇଯିବ।" ମୁଡିଜ୍ ରେଟିଂ କହିଛି ଯେ, "ଆମେରିକା ବଜାରରେ ସୀମିତ ପ୍ରବେଶ ଭାରତର ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ସମ୍ଭାବନାକୁ ହ୍ରାସ କରିବ। ଏହାର ଅର୍ଥ ହେଉଛି, ଭାରତରେ ଜିନିଷ ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକ କ୍ଷତି ସହିପାରନ୍ତି।"

## ଭାରତ ଉପରେ ସର୍ବାଧିକ ଶୁଳ୍କ

ଆମେରିକା ଦ୍ୱାରା ଭାରତ ଉପରେ ଲାଗୁ ହେବାକୁଥିବା ୫୦% ଶୁଳ୍କ ଅନ୍ୟ ରାଷ୍ଟ୍ରଠାରୁ ସର୍ବାଧିକ। ଆମେରିକା ଚୀନ୍ ଉପରେ ୩୦%, ଭିଏତନାମ ଉପରେ ୨୦%, ବାଂଲାଦେଶ ଉପରେ ୧୮%, ଇଣ୍ଡୋନେସିଆ, ମାଲେସିଆ ଏବଂ ଫିଲିପାଇନ୍ସ ଉପରେ ୧୯%, ଜାପାନ ଏବଂ ଦକ୍ଷିଣ କୋରିଆ ଉପରେ ୧୫% ଶୁଳ୍କ ଲାଗୁ କରିଛି। ଏହାର ଅର୍ଥ ହେଉଛି ଯେ ଭାରତ ପାଇଁ ଆମେରିକାରେ ସାମଗ୍ରୀ ବିକ୍ରି କରିବା ଏବେ ଆହୁରି କଷ୍ଟକର ହୋଇଯିବ। ଜିଟିଆର୍‌ଆଇ ଅନୁଯାୟୀ, ଶୁଳ୍କ କିଛି ଜିନିଷ ବ୍ୟତୀତ ଅଧିକାଂଶ କ୍ଷେତ୍ରରେ ଭାରତୀୟ ରପ୍ତାନିକୁ କ୍ଷତି ପହଞ୍ଚାଇବ। ଆମେରିକାର ନୂତନ ଶୁଳ୍କ ବ୍ୟବସ୍ଥାରେ ଔଷଧ, ଶକ୍ତି ଉତ୍ପାଦ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ସେମିକଣ୍ଡକ୍ଟର ଅନ୍ତର୍ଭୁକ୍ତ ନୁହେଁ। ଏହାର ଅର୍ଥ ହେଉଛି ଏହି କ୍ଷେତ୍ରଗୁଡ଼ିକରେ ରପ୍ତାନି ପ୍ରଭାବିତ ହେବ ନାହିଁ। ■





# ଭାରତର ଅଭ୍ୟୁଦୟରେ ଟ୍ରମ୍ପ ଭୟଭୀତ

ଗୌରୀ ପ୍ରସାଦ ମହାପାତ୍ର, ଭୁବନେଶ୍ୱର

**ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ପ୍ରହାର ବିଶ୍ୱ ବାଣିଜ୍ୟ, ବିଶ୍ୱ ଅର୍ଥନୀତି ଓ ବିଶ୍ୱ ଭୂ-ରାଜନୀତିରେ ଏକ ବିରାଟ ପରିବର୍ତ୍ତନର ସଂକେତ ଦେଇଛି । ଏହାକୁ ନେଇ ବିଶ୍ୱ ଅର୍ଥନୀତିଜ୍ଞ, କୂଟନୀତିଜ୍ଞ, ପ୍ରତିରକ୍ଷା ବିଶେଷଜ୍ଞମାନେ ସ୍ୱମତ ଓ ମନ୍ତବ୍ୟରେ ମୁଖର ହୋଇଛନ୍ତି । ଏଭଳି ଏକ ଘଡ଼ିସନ୍ଧି ବେଳାରେ ବିଶ୍ୱର ବିଶିଷ୍ଟ ଶିଳ୍ପପତି ତଥା ଟ୍ରମ୍ପଙ୍କ ପୁରୁଣା ବନ୍ଧୁ ଏଲୋନ୍ ମସ୍କ ଏ ପ୍ରସଙ୍ଗରେ ଯେଉଁ ରହସ୍ୟ ପ୍ରଘଟ କରିଛନ୍ତି ତାହା ଯେତିକି ରୋଚକ, ତତୋଧିକ ତାତ୍ପର୍ଯ୍ୟପୂର୍ଣ୍ଣ । ଏକ ଭିଡ଼ିଓ ଆଳାପରେ ସେ କରିଥିବା ଆଲୋଚନାର ସାରାଂଶ ।**

## ଶୁଳ୍କନୀତିର ଗହନ କଥା

ବିଶିଷ୍ଟ ଶିଳ୍ପପତି ଏଲୋନ୍ ମସ୍କଙ୍କ ବିଶ୍ଳେଷଣ ଅନୁଯାୟୀ ଏହା କେବଳ ବିଶ୍ୱ ଗଣମାଧ୍ୟମର ଶିରୋନାମା ମଣ୍ଡନ କିମ୍ବା ରାଜନୈତିକ କମ୍ପନ ସୃଷ୍ଟି କରିବା ପାଇଁ ନୁହେଁ । ଆମେରିକାର ଭାରତ ଶୁଳ୍କ ନୀତି ପଛରେ ଦୁଇଟି କାରଣ ଅଛି । ପ୍ରକାଶ୍ୟ କାରଣ ହେଉଛି ଭାରତ ସହିତ ଆମେରିକାର ବାଣିଜ୍ୟ ନିଅଣ୍ଟକୁ ସମତୁଲ କରିବା । ଦ୍ୱିତୀୟ ତଥା ଗୁପ୍ତ କାରଣ ହେଉଛି ଆମେରିକା ଜାଣିସାରିଛି ଯେ, ଭାରତ ଏବେ ଏକ ମୁକ୍ତବିହଙ୍ଗ । ଭାରତ ଦ୍ରୁତ ଅଭିବୃଦ୍ଧି ପଥରେ ଦୌଡ଼ି ଚାଲିଛି, ଯାହା ଉପରେ ଆମେରିକା ନିୟନ୍ତ୍ରଣ ନାହିଁ । ଯାହା ଉପରେ ଆମେରିକା ନିୟନ୍ତ୍ରଣ ହରାଏ, ତା'କୁ ପସନ୍ଦ କରେ ନାହିଁ । ଭାରତ କେବଳ ଏକ ସୁଦୃଢ଼ ନିର୍ମାଣ ପଥରେ ଅଗ୍ରସର ହେଉନାହିଁ ବିଶ୍ୱରେ ଏକ ସମାନ୍ତରାଳ ଭବିଷ୍ୟତ ଗଠନ ଦିଗରେ ଦ୍ରୁତ ଧାବମାନ, ଯାହା ବିଶ୍ୱର ସୁପରପାୱାର ପାଇଁ ଅସ୍ୱସ୍ତିକର ହୋଇଛି । ଦୀର୍ଘ ଶତାବ୍ଦୀ ଧରି ଆମେରିକା ବିଶ୍ୱରେ ବୈଷୟିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ବଡ଼ଭାଇ ପଣିଆ ଜାହିର କରି ଆସୁଛି । ଏକ ନୂଆ ରାଷ୍ଟ୍ର ତା'ସହିତ ତାଳ ଦେଇ ଗତି କରୁ ଏହା ଆମେରିକା ଚାହିଁବ ନାହିଁ । ତେଣୁର ଏହା କେବଳ ଶୁଳ୍କ କିମ୍ବା ବାଣିଜ୍ୟ କିମ୍ବା ଅର୍ଥନୀତିର କଥା ନୁହେଁ, ନିୟନ୍ତ୍ରଣ ହରାଇବାର ବ୍ୟଥା । ଏହାପଛରେ ଟ୍ରମ୍ପଙ୍କ ଆଉ ଏକ ପ୍ରଚ୍ଛନ୍ନ ଅଭିସନ୍ଧି ମଧ୍ୟ ନିହିତ ଅଛି । ବର୍ତ୍ତମାନ ଚୀନ୍‌କୁ ଆମେରିକା ନିଜର ରଣନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଦେଖୁଥିବାରୁ ଏସିଆରେ ଭାରତକୁ ସହଯୋଗୀ ରୂପେ ରଖିବାକୁ ଚାହୁଁଛି । ଏହା ଭଲ କଥା । କିନ୍ତୁ ଆମେରିକା ଭାରତକୁ ସହଯୋଗୀ ନୁହେଁ, ବରଂ ଅଧସ୍ତନ ସହଯୋଗୀ କରିବାକୁ ଚାହୁଁଛି, ଯାହା କଦାପି ସମ୍ଭବ ନୁହେଁ ।



## ବାଣିଜ୍ୟର ବାସ୍ତବତା

ଟ୍ରମ୍ପ ପ୍ରଶାସନର ଅଭିଯୋଗ ଅନୁଯାୟୀ, ଭାରତୀୟ ବୟନ, ଇଲେକ୍ଟ୍ରୋନିକ୍ସ, ଅଟୋଯନ୍ତ୍ରାଂଶ ଆମେରିକା ବଜାରରେ ଅବାଧ ଓ ଅନୈତିକ କାରବାର କରୁଥିବା ବେଳେ ଭାରତୀୟ ବଜାର ପାଇଁ ଆମେରିକୀୟ ଉତ୍ପାଦ ଉପରେ ଚଢ଼ା ଆମଦାନି ଶୁଳ୍କ ଲାଗୁ କରୁଛି, ଯାହା ସମ୍ପୂର୍ଣ୍ଣ ଅନୈତିକ ଓ ଏକତରଫା । ଏବେ ଭାରତରେ ଆମେରିକୀୟ ଉତ୍ପାଦ ଉପରେ ହାରାହାରି ଟାରିଫ୍ ୩୯% ଥିବା ବେଳେ ଆମେରିକାରେ ଭାରତୀୟ ଉତ୍ପାଦ ଉପରେ ଲାଗୁଥିବା ଆମଦାନି ଶୁଳ୍କ ହାରାହାରି ୫%-୭% । କିନ୍ତୁ ଭାରତର ଜନସଂଖ୍ୟା ୧୪୦ କୋଟି, ଯେଉଁଥିରୁ ଅଧିକାଂଶ ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ବସବାସ କରୁଛନ୍ତି । ତେଣୁ ସ୍ଥାନୀୟ କୃଷିଜୀବୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଭାରତ କଦାପି ଆମେରିକୀୟ ଶସ୍ୟ, ଦୁଗ୍ଧ, ମକା ପାଇଁ ବଜାର ଉନ୍ମୁକ୍ତ କରିପାରିବ ନାହିଁ । ଏହା ରକ୍ଷଣଶୀଳତା ନୁହେଁ, ବରଂ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ବାଧ୍ୟବାଧକତା । ଗ୍ରାମୀଣ ଅର୍ଥନୀତିକୁ ହାନି ନ ପହଞ୍ଚାଇ ଗରିବ ଲୋକଙ୍କ ଉନ୍ନତି ସାଧନ ପାଇଁ ଭାରତ ସରକାର ଭାରତୀୟ ବଜାରକୁ ସୁରକ୍ଷିତ କରିବାକୁ ଅଗ୍ରାଧିକାର ଦେବା ଏକ କର୍ତ୍ତବ୍ୟ । ଅପରପକ୍ଷରେ ବାଣିଜ୍ୟ କାରବାରକୁ ଜୟ-ପରାଜୟର ନିକିତିରେ ତଉଲୁଥିବା ଟ୍ରମ୍ପଙ୍କ ଯୁକ୍ତି ହେଉଛି ଯଦି ଭାରତ ରୁଷରୁ ତୈଳ ଓ ପ୍ରତିରକ୍ଷା ସାମଗ୍ରୀ କିଣିପାରୁଛି ତେବେ ଭାରତୀୟ ବଜାର ଆମେରିକା କୃଷିଜାତ ସାମଗ୍ରୀ ପାଇଁ ଉନ୍ମୁକ୍ତ ହେବ ନାହିଁ କାହିଁକି? ଭାରତ ରୁଷିଆରୁ ରିହାତିଯୁକ୍ତ ତୈଳ କିଣି କୌଣସି ଆନ୍ତର୍ଜାତିକ ଚୁକ୍ତି ଉଲ୍ଲଙ୍ଘନ କରିନାହିଁ ।



## ଭାରତ ଏବେ ମହାଶକ୍ତି

ଭାରତର ସାର୍ବଭୌମ ହିଁ ତା'ର ଶକ୍ତିରେ ରୂପାନ୍ତରିତ ହୋଇଛି । ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି । ଚଳିତ ଦଶନ୍ଧି ଶେଷ ସୁଦ୍ଧା ଜାପାନ୍ ଓ ଜର୍ମାନୀକୁ ଟପି ତୃତୀୟ ଅର୍ଥନୈତିକ ମହାଶକ୍ତି ରୂପେ ଉଭା ହେବାକୁ ଯାଉଛି । ଏହା କେବଳ ଜିଡିପିର ହିସାବ ନୁହେଁ; ବାସ୍ତବ ସମ୍ବଳର ପରିଚାୟକ । ଭାରତ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ବିଶାଳ ଦେଶ, ଯାହାର ସିଂହଭାଗ ହେଉଛି ୩୦ ବର୍ଷରୁ କମ୍ । ଏହି ଜନସାଂଖ୍ୟିକ ବିସ୍ଫୋରଣ ବୈଷୟିକ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି । ଭାରତରେ ୧୦୦ କୋଟି ଲୋକ ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି ଏବଂ ଆସନ୍ତା ବର୍ଷ ଶେଷ ସୁଦ୍ଧା ଏହାର ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୯୦ କୋଟି ଟପିଯିବ । ଏଭଳି ଯୋଗାଯୋଗ ସମୃଦ୍ଧ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଆଜିର ଦୁନିଆରେ ବିରଳ । ୟୁପିଆଇରେ ଭାରତ କେବଳ ଭିଜା ଓ ମାଷ୍ଟରକାର୍ଡକୁ ଟକ୍କର ଦେଇନାହିଁ, କାରବାରରେ ସେ ଦୁଇଟିକୁ ଟପି ଯାଇଛି । ଗୋଟିଏ ହଲିଉଡ୍ ଫିଲ୍ମ ନିର୍ମାଣ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥରେ ଭାରତର ଚନ୍ଦ୍ରଯାନ-୩ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିପାରିଛି । ୨୦୨୬ ସୁଦ୍ଧା ଗଗନଯାନର ରୂପରେଖ ଚୂଡ଼ାନ୍ତ ହୋଇଛି । ଏହି ସଫଳତା ରାତାରାତି ଆସିନାହିଁ । ଦୀର୍ଘକାଳୀନ ଯୋଜନାବଦ୍ଧ ପ୍ରୟାସର ଏହା ପ୍ରତିଫଳନ । ଭାରତ ବର୍ତ୍ତମାନ ସେମିକଣ୍ଡକ୍ଟର, ଏଆଇ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ, ସବୁଜ ଶକ୍ତି ନିଜସ୍ୱ ଜ୍ଞାନକୌଶଳରେ ବିକଶିତ କରି ବିଶ୍ୱରେ ନିଜକୁ ପ୍ରତିଯୋଗୀକ୍ଷମ ହୋଇପାରିଛି । 'ମେକ୍ ଇନ୍ ଇଣ୍ଡିଆ' କେବଳ ଏକ ସ୍ଲୋଗାନ୍ ହୋଇ ରହିନାହିଁ, ଗୁଗୁଲ୍, ଆପ୍ଲ୍, ଟେସ୍ଲା ଭଳି କମ୍ପାନୀଙ୍କୁ ଭାରତରେ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ଆକୃଷ୍ଟ କରିଛି । ନିର୍ମାଣ ଓ ଯୋଗାଣରେ ଭାରତ ଏବେ ଚୀନ୍ର ବିକଳ୍ପ ଭାବେ ଉଭା ହୋଇଛି ।

## ଆମେରିକା ଆଧିପତ୍ୟ କମୁଛି

ବର୍ତ୍ତମାନର ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ବିଶ୍ୱରେ ଆମେରିକାର ପ୍ରଭାବ ହ୍ରାସ ପାଉଛି କି? ଏହାର ଉତ୍ତର ହେବ ସମ୍ପୂର୍ଣ୍ଣ ନ ହେଲେ ମଧ୍ୟ ଆମେରିକାର ଏକଚାଟିଆ କାରବାର ବନ୍ଦ ହେବାକୁ ଯାଉଛି, ସମୀକରଣ ବଦଳୁଛି । ଏକବିଂଶ ଶତାବ୍ଦୀରେ ଡଲାର, ସିଲିକନ୍ ଭ୍ୟାଲି, ହ୍ୱାଇଟ୍ ହାଉସ୍‌ର ଆଧିପତ୍ୟ ସତ୍ତ୍ୱେ ଆମେରିକା ଆଉ ଏକ ସୁପର୍‌ପାୱାର ହୋଇ ରହିନାହିଁ । ଧୀରେ ଧୀରେ ଆମେରିକା ହାତରୁ ନିୟନ୍ତ୍ରଣ ଖସୁଛି । ଭାରତ ସମେତ କେତେକ ରାଷ୍ଟ୍ର ଡଲାର ବଦଳରେ ନିଜ ମୁଦ୍ରାରେ ଦ୍ୱିପାକ୍ଷିକ କାରବାର କରୁଛନ୍ତି । ଏହାର ଅର୍ଥ ଦେଶମାନେ ଡଲାର ବିକଳ୍ପ ଖୋଜିବାକୁ ଆରମ୍ଭ କରୁଛନ୍ତି । ଭାରତ ଏବେ ଗୁରୁତ୍ୱପୂର୍ଣ୍ଣ ବ୍ରିକ୍ସର ସଦସ୍ୟ ଅଛି, ଜି-୨୦ରେ ଗତ ବର୍ଷ ଅଧ୍ୟକ୍ଷତା କରିଛି । ଭାରତର ଏହି ସ୍ମାର୍ଟ ନୀତି ଆମେରିକାକୁ ହଜମ ହେଉନାହିଁ । ୧୦ ବର୍ଷ ତଳର ସ୍ଥିତି ଆଉନାହିଁ । ଆମେରିକାର ଗୋଟିଏ ମାତ୍ର ଫୋନ୍ କଲ୍‌ରେ ଯାହା ଇଚ୍ଛା ତାହା କରିପାରୁଥିଲା । କିନ୍ତୁ ବର୍ତ୍ତମାନ କୂଟନୀତି, ବାଣିଜ୍ୟ ନୀତି, ଅର୍ଥନୀତିରେ ସାଲିସ୍ କରିବାକୁ ପଡୁଛି । ଭାରତ ଏହି ସମୀକରଣକୁ ବଦଳାଇ ଦେଇଛି । ■

## ଆମେରିକାକୁ କଟାକ୍ଷ

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଯେତେବେଳେ ନିଷ୍ପତ୍ତି ନେବା ପାଇଁ ତୁମର ଅନୁମତିକୁ ଅପେକ୍ଷା କରୁ ନାହିଁ, ସେତେବେଳେ ତୁମେ କେବଳ ଉଚ୍ଚା ଶୁଳ୍କରେ ଦାଉ ସାଧିପାରିବ । କିନ୍ତୁ ଏଠାରେ ମନେ ରଖିବାକୁ ହେବ ଯେ, ଭାରତର ଅଭ୍ୟୁଦୟ କାହାକୁ ଆହ୍ୱାନ ଦେବା ପାଇଁ ନୁହେଁ, ବରଂ ନିଜ ଗୋଡ଼ରେ ନିଜେ ଠିଆ ହେବାର ପ୍ରୟାସର ପ୍ରତିଫଳନ । ଭାରତର ବିଶାଳ ଜନସଂଖ୍ୟା ପ୍ରତି ଦେଶର ଅଙ୍ଗୀକାରବଦ୍ଧତା । କିନ୍ତୁ ଏଥିରେ ଟ୍ରମ୍ପ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି । ରୁଷ୍‌ରୁ ତୈଳ ଆମଦାନିରେ କଟକଣା ବାହାନାରେ ଭାରତ ଉପରେ ଅଧିକ ଶୁଳ୍କ ଲାଗୁ କରିଛନ୍ତି । କିନ୍ତୁ ଭାରତ ଏବେ ଆଉ କାହାକୁ ଅନୁସରଣ କରିବା ନୁହେଁ, ବରଂ ନେତୃତ୍ୱ ନେବା ସ୍ଥିତିକୁ ଆସିଯାଇଛି । ଭାରତ ମଧ୍ୟ ଦକ୍ଷିଣ ବିଶ୍ୱରେ ଏକ ନେତା ଭାବେ ଠିଆ ହୋଇଛି । ଲାଟିନ୍ ଆମେରିକା, ଆଫ୍ରିକା, ଦକ୍ଷିଣ ଏସିଆରେ ଭିତ୍ତିଭୂମି ବିକାଶ, ଶିକ୍ଷା ଓ ଔଷଧ ଯୋଗାଣ କ୍ଷେତ୍ରରେ ଦାୟିତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଏ କ୍ଷେତ୍ରରେ ଆମେରିକା ପଛରେ ପଡ଼ିଯାଇଛି । ଆମେରିକା ଯାହା କୁହାଇବାକୁ ଚାହୁଁଛି ଅନ୍ୟ ଦେଶମାନେ ତାହା କହୁଛନ୍ତି । କିନ୍ତୁ ଭାରତ ନିଜେ ନିଷ୍ପତ୍ତି ନେଉଛି । ଅଧୁନା ଆମେରିକା ହୃଦୟଙ୍ଗମ କରିପାରୁଛି ଯେ ଭାରତ ଆଉ କେବଳ ବାଣିଜ୍ୟ ସହଯୋଗୀ ହୋଇରହିନାହିଁ, ବରଂ ଏକ ଧ୍ରୁବ ଭାବରେ ଉଭା ହୋଇଛି । ସ୍ୱାଧୀନ, ସ୍ୱୟଂକ୍ରିୟ, ନୀତି ନିର୍ଦ୍ଧାରକ ଭାବେ ଭାରତ ଆଉ ଏବେ କାହା ଅନୁମତି ଭିକ୍ଷା କରିବା ସ୍ଥିତିରେ ନାହିଁ । ବିଶ୍ୱର ପରିବର୍ତ୍ତିତ ବହୁଧ୍ରୁବୀୟ ସମୀକରଣରେ ଗୋଟିଏ ସ୍ୱର ଆଧିପତ୍ୟ ବିସ୍ତାର କରିବା ବଦଳରେ ବହୁସ୍ୱରକୁ ସମ୍ମାନ ଦେବାର ପରମ୍ପରା ଆରମ୍ଭ ହୋଇସାରିଛି ଏବଂ ଏ କ୍ଷେତ୍ରରେ ଭାରତର ଅଭ୍ୟୁଦୟ ଆଖିଦୃଶିଆ ହୋଇଛି । ତେଣୁ ଚାପ ସୃଷ୍ଟି କରୁଥିବା ଆମେରିକା ଏବେ ଚାପରେ ରହିଛି । ଆମେରିକାର ଏକ ବଦ୍ଧମୂଳ ଧାରଣା ରହିଛି ଯେ, ବିଶ୍ୱ ବାଣିଜ୍ୟରେ ନିଜେ ହିଁ ସବୁବେଳେ କେନ୍ଦ୍ରରେ ରହିବ । କିନ୍ତୁ ୨୦୨୫ରେ ଏହି ଖେଳ ବଦଳିଯାଇଛି । ଭାରତ ଆଉ ଏବେ ଆମେରିକା ପାଇଁ ନୁହେଁ, ବରଂ ନିଜ ପାଇଁ ଏବଂ ଅବଶିଷ୍ଟ ବିଶ୍ୱ ପାଇଁ ଉତ୍ପାଦନ କରିବ ।

## ଭାରତ ମୋହରା ହେବ ନାହିଁ

କାହାଠାରୁ କ'ଣ କିଣିବ ନ କିଣିବ ତାହା ଭାରତର ନିଜସ୍ୱ ବ୍ୟାପାର । ଭାରତ ଏବେ ଆମେରିକା ସମେତ ଜାପାନ୍, ଫ୍ରାନ୍ସ, ୟୁକେ, ୟୁରୋପ, ଜର୍ମାନୀ ସହିତ ସ୍ୱାଧୀନ ଭାବେ ବାଣିଜ୍ୟ କାରବାର କରିବାକୁ ଚାହେଁ । ସାମ୍ପ୍ରତିକ ବହୁଧ୍ରୁବୀୟ ଭୂରାଜନୀତିରେ ଏହା ଏକ ଅପରିହାର୍ଯ୍ୟ ଆବଶ୍ୟକତା । କିନ୍ତୁ ଆମେରିକାକୁ ଅର୍ଥନୀତି, ବାଣିଜ୍ୟ, ପ୍ରତିରକ୍ଷା ଆଦି ସମସ୍ତ କ୍ଷେତ୍ରରେ ଉଚ୍ଚ ସୋପାନରେ ଅଧିଷ୍ଠିତ କରିବାକୁ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ କୌଣସି ମତେ ତାଙ୍କ ଦେଶର ଭୋଟରଙ୍କ ଆଖିରେ ଗୌଣ ହେବାକୁ ଚାହାନ୍ତି ନାହିଁ । ଏଥିରେ ଭାରତକୁ ନୂଆ ମୋହରା କରିବାକୁ ସେ ଚେଷ୍ଟିତ । ଭାରତର ବିଡ଼ମ୍ବନା ହେଉଛି ଏହି ଶକ୍ତିଶାଳୀ ରାଷ୍ଟ୍ର ଶତ୍ରୁ ଅପେକ୍ଷା ମିତ୍ର ଓ ସହଯୋଗୀଙ୍କଠାରୁ ଅଧିକ ଆହ୍ୱାନର ସମ୍ମୁଖୀନ ହେଉଛି । କାରଣ ଶକ୍ତି ହିଁ ବିଭାଜନର ବାଟ କଢ଼ାଏ । 'ଆମେରିକାର ସର୍ତ୍ତ ମାନ, ନଚେତ୍ ବାଣିଜ୍ୟ ପରାଭବ ଭୋଗ କର' - ବିଶ୍ୱର ଅନ୍ୟ ରାଷ୍ଟ୍ରମାନଙ୍କୁ ଏହି ଚେତାବନୀ ଦେବାକୁ ଟ୍ରମ୍ପ ଭାରତକୁ ଏକ ଉଦାହରଣ ରୂପେ ଉପସ୍ଥାପନ କରିବାକୁ ଚାହାନ୍ତି । କିନ୍ତୁ ଗତାନୁଗତିକ ଧାରାରେ ବିଶ୍ୱାସ ରଖୁଥିବା ଟ୍ରମ୍ପ ଭୁଲିଯାଉଛନ୍ତି ଯେ, ନୂଆ ପିଢ଼ିର ବିଶ୍ୱ ଅଧିକ ଆତ୍ମବିଶ୍ୱାସୀ, ଆତ୍ମନିର୍ଭରଶୀଳ ଓ ନିର୍ଭୀକ ଭାବେ ନିଜ ପଥ ଆବିଷ୍କାର କରିବାରେ ସମର୍ଥ । ଆମେରିକା ଓ କ୍ୱାଡ୍‌ରେ ନିବେଶ କରି ଭାରତ ଉତ୍ତର ବିଶ୍ୱ ସହିତ ସମତୁଲତା ରକ୍ଷା କରୁଛି । ଏହା ହିଁ ନିଷ୍ପତ୍ତି ନେବାର ସ୍ୱାଧୀନତା, ଯାହା ସବୁଦେଶ ପାଖରେ ରହିବା ଉଚିତ ।

### ଭାରତ ପାଖରେ ବିକଳ୍ପ

**ଟ୍ରମ୍ପଙ୍କ ଶୁଳ୍କ ଦଣ୍ଡରେ ଭାରତର ବୟନ ଓ ରତ୍ନ ପଥର ବାଣିଜ୍ୟ ସାମୟିକ ପ୍ରଭାବିତ ହୋଇପାରେ । କିନ୍ତୁ ଏଥିରେ ଭୟଭୀତ ନ ହୋଇ ଭାରତର ଅର୍ଥନୀତିକୁ ଆହୁରି ସମୃଦ୍ଧ କରିବା ପାଇଁ ବାଟ ବାହାର କରିବା ଦରକାର । ଭାରତ ୟୁଏଇ, ୟୁରୋପ, ଆଫ୍ରିକା, ଆସିଆନ୍ ଦେଶମାନଙ୍କ ସହିତ ଆଲୋଚନା ଆରମ୍ଭ କରିସାରିଛି । ବିନିମୟର ମାଧ୍ୟମ ଭାବେ ଭାରତୀୟ ମୁଦ୍ରା 'ଟଙ୍କା'ର ପରିସର ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଟ୍ରମ୍ପଙ୍କ କଠୋର ଶୁଳ୍କ ନୀତିରେ ଭାରତ ବଦଳରେ ଆମେରିକା ହିଁ ଅଧିକ କ୍ଷତିଗ୍ରସ୍ତ ହେବ । ସାମ୍ପ୍ରତିକ ଭୂରାଜନୀତି ଅଧିକ କୂଟନୀତିକୈନ୍ଦ୍ରିକ ହେଲେ ବିବିଧତାର ଜନ୍ମ ହୁଏ । ଭାରତ ଏଭଳି ଏକ ବିବିଧତାର ଦେଶ, ଯାହାର ଭବିଷ୍ୟତ ଉଜ୍ଜ୍ୱଳ । ବିଶ୍ୱ ବଦଳୁଛି । ଆଗକୁ ବଢ଼ିବା ପାଇଁ ଭାରତ କାହାର ଅନୁମତି ଆବଶ୍ୟକ କରେ ନାହିଁ । କିନ୍ତୁ ଭାରତର ଅଭ୍ୟୁଦୟରେ ଆମେରିକାର ସ୍ଥିତିରେ ପରିବର୍ତ୍ତନ ଅବଶ୍ୟାମ୍ଭାବୀ ।**

## ୩୧,୫୦୦ କୋଟିର ବୋଇଂ ଚୁକ୍ତି ରଦ୍ଦ କଲା ଭାରତ



ଶୁଳ୍କ କ୍ଷେତ୍ରରେ ଟ୍ରମ୍ପ ପ୍ରଶାସନକୁ ଭାରତ ଦେଇଛି ବଡ଼ ଝଟ୍‌କା । ଆମେରିକା ସହ ଭାରତ ୩୧,୫୦୦ କୋଟି ଟଙ୍କାର ବୋଇଂ ଚୁକ୍ତିକୁ ରଦ୍ଦ କରିଛି । ଭାରତ ଏହି ନିଷ୍ପତ୍ତି ସେତେବେଳେ ନେଇଛି, ଯେତେବେଳେ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଘୋଷଣା କରିଛନ୍ତି । ରିପୋର୍ଟ ଅନୁସାରେ, ଭାରତୀୟ ନୌସେନା ପି-୮ ସାମୁଦ୍ରିକ ବିମାନ କ୍ରୟ ନିମନ୍ତେ ଚୁକ୍ତି କରିଥିଲା । ଏବେ କୁହାଯାଉଛି ଏହି ଚୁକ୍ତି ବାତିଲ କରିଦିଆଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଭାରତ ଉପରେ ଆମେରିକା ୫୦% ଟାରିଫ୍ ଲାଗୁ କରିଛି । ରିପୋର୍ଟ ଅନୁସାରେ, ଆମେରିକାଠାରୁ ଭାରତ ଏଫ୍-୩୫ ଯୁଦ୍ଧ ବିମାନ ମଧ୍ୟ କିଣିବ ନାହିଁ । ଏବେ ଇଣ୍ଡିଆ ଫାଇଟ୍‌ର ଜେଟ୍ ପାଇଁ ଫ୍ରାନ୍ସ ସହିତ ସମ୍ପର୍କରେ ଅଛି । କୁହାଯାଉଛି ଫ୍ରାନ୍ସର ଡାସଲ୍ଟ ରାଫେଲ ଭାରତ ନିମନ୍ତେ ଏଫ୍-୩୫ ଠାରୁ ଭଲ ବିକଳ୍ପ । ଟ୍ରମ୍ପଙ୍କ ୫୦% ଟାରିଫ୍ ଯୋଗୁ ଇଣ୍ଡିଆରୁ ଆମେରିକାକୁ ରପ୍ତାନି ମହଙ୍ଗା ହୋଇଯାଇଛି । ଏଥିରେ ପ୍ରତିରକ୍ଷା କ୍ଷେତ୍ରରେ ଭାରତର ୨ଟି ବଡ଼ ନିଷ୍ପତ୍ତିକୁ ଟ୍ରମ୍ପଙ୍କ ଟାରିଫ୍‌ର ଜବାବ ରୂପେ ଦେଖାଯାଉଛି । ସୂଚନା ଅନୁସାରେ ଜୁଲାଇ ୨୦୨୫ରେ ଭାରତ ଆମେରିକୀୟ କମ୍ପାନୀ ବୋଇଂ ସହିତ ୩୧,୫୦୦ କୋଟି ଟଙ୍କାର ଚୁକ୍ତି କରିଥିଲା । ଏହି ଡିଲ୍ ଖୁବ୍ ଶୀଘ୍ର ଚୂଡ଼ାନ୍ତ ହେବାର ଥିଲା । ଟ୍ରମ୍ପ ଭାରତ ଉପରେ ଅଗଷ୍ଟ ୬ରେ ଅତିରିକ୍ତ ଟାରିଫ୍ ଲାଗୁ କରିଥିବାବେଳେ ଅଗଷ୍ଟ ୭ରେ ଭାରତ ଏହି ପ୍ରତିରକ୍ଷା ଚୁକ୍ତି ବାତିଲ୍ କରିଦେଇଛି । ■



# ଟ୍ରମ୍ପଙ୍କ ଟାରିଫ୍

# ବୋଝ ଓ ବାସ୍ତବତା

ଗୋଟିଏ ପଟେ ୨୦୨୫ ଫେବ୍ରୁଆରୀରୁ ଭାରତ-ଆମେରିକା ଟ୍ରେଡ୍ ଡିଲ୍ ପାଇଁ ଆଲୋଚନା ଜାରି। ଅନ୍ୟପଟେ ଏନେଇ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସିବା ପାଇଁ ପ୍ରସ୍ତୁତି ଚାଲିଛି । ଏଭଳି ସ୍ଥିତିରେ ଜୁଲାଇ ୩୦ ତାରିଖରେ ଭାରତ ଉପରେ ହଠାତ ୨୫ ପ୍ରତିଶତ ରେସିପ୍ରୋକାଲ୍ ଟାରିଫ୍ ଲଦିବାକୁ ଘୋଷଣା କରିଛି ଟ୍ରମ୍ପ ପ୍ରଶାସନ । ଏହା ସହ ଏହି ରେସିପ୍ରୋକାଲ୍ ଟାରିଫକୁ ଅଗଷ୍ଟ ୧ରେ ଲାଗୁ କରିବାକୁ ଯୋଜନା ଥିଲା । କିନ୍ତୁ ପରେ ଏହାକୁ ୭ ଦିନ ପାଇଁ ଘୁଞ୍ଚାଇ ଦେଇଥିଲା ଆମେରିକା । ଆମେରିକାର ଭାରତ ଉପରେ ଏଭଳି ଟାରିଫ୍ ଘୋଷଣାକୁ ନେଇ ଭାରତରେ ଜୋରଦାର ହଲଚଲ । ସଂସଦରରୁ ଆରମ୍ଭ କରି ସେୟାର୍ ବଜାର ଯାଏ ପ୍ରସଙ୍ଗ ଚର୍ଚ୍ଚା ହୋଇଛି । ବିରୋଧୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ବନ୍ଧୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତକୁ ଟାରିଫ୍ ଉପହାର ବୋଲି ସମାଲୋଚନା କରିଛନ୍ତି ।



ଲଳିତେନ୍ଦୁ ପଲାଉରୀ

ଲଦିଥିବାରୁ ଏହାକୁ ନେଇ ବିରୋଧୀ ପ୍ରଶ୍ନ କରିବା ସ୍ୱାଭାବିକ ହୋଇଛି । ବ୍ରିକ୍ସ ଦେଶ ଉପରେ ରାଗ ସୁଝାଇବାକୁ ଟ୍ରମ୍ପ ପ୍ରଶାସନ ଭାରତକୁ ଟାର୍ଗେଟ କରିଥିବା ମଧ ଚର୍ଚ୍ଚା ହେଉଛି । କାରଣ ବ୍ରିକ୍ସ ବୈଠକରେ ଆମେରିକା ଡଲରାକୁ ପ୍ରତିହତ ପାଇଁ ସଦସ୍ୟ ରାଷ୍ଟ୍ରମାନେ ବିକଳ୍ପ ମୁଦ୍ରା ବିନିମୟ ନେଇ ଆଲୋଚନା କରିଛନ୍ତି। ବ୍ରିକ୍ସର ଏଭଳି ନିଷ୍ପତ୍ତି ଆମେରିକା କିମ୍ବା ଟ୍ରମ୍ପ ପ୍ରଶାସନକୁ ହଜମ ହେଉନି । ଏହାସହ ଭାରତ ତା'ର ପୁରୁଣା ବନ୍ଧୁ ରୁଷ୍ ସହ ତୈଳ ଓ ପ୍ରତିରକ୍ଷା ସାମଗ୍ରୀ କିଣାବିକା ମଧ ଜାରି ରଖିଛି । ଯାହାକି ଟ୍ରମ୍ପଙ୍କ ପାଇଁ ଅସହ୍ୟ ହେଉଛି । କିନ୍ତୁ ବଡ଼ କଥା ହେଉଛି, ୨୦୨୫ ପ୍ରାରମ୍ଭରୁ ଏଯାଏ ଆମେରିକାଠାରୁ ଭାରତ ରୁଷ୍ ତୁଳନାରେ ସର୍ବାଧିକ ଅର୍ଥ ବିନିଯୋଗ କରି ତୈଳ ଆମଦାନୀ କରିଛି । ଅର୍ଥାତ କେବଳ ଚଳିତ ବର୍ଷ ଏପ୍ରିଲରୁ ଜୁନ ମାସ ମଧ୍ୟରେ ଭାରତ ଆମେରିକାଠାରୁ ୩୨ ହଜାର କୋଟି ଟଙ୍କାର ତୈଳ କିଣିଛି । କେବଳ ଭାରତ କାହିଁକି ଟ୍ରମ୍ପ ପ୍ରଶାସନ ଚୀନ ସାମଗ୍ରୀ ଉପରେ ୩୪ ପ୍ରତିଶତ , ଭିଏତନାମ ଉପରେ ୪୬, ତାଇୱାନ ଉପରେ ୩୨ ପ୍ରତିଶତ କର ଘୋଷଣା କରିଛନ୍ତି। ଟ୍ରମ୍ପ ଭାରତ ଉପରେ ଯେଉଁ ୫୦ ପ୍ରତିଶତ ଟାରିଫ୍ ଘୋଷଣା କରିଛନ୍ତି ଏହା ସାଧାରଣ ଲୋକଙ୍କ ଉପରେ ବିଶେଷ ପ୍ରଭାବ ପଡ଼ିବନି । କିନ୍ତୁ ଏହା ଆମ ଦେଶର ଜିଡିପି ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। କାରଣ ଟାରିଫ୍ ଲାଗୁ ପରେ ଭାରତୀୟ ସାମଗ୍ରୀର ଚାହିଦା ଓ ବ୍ୟବସାୟ ଆମେରିକାରେ ହ୍ରାସ ପାଇବ ।

## ଜିଡିପି ଉପରେ ନକାରାତ୍ମକ ପ୍ରଭାବ

ଇରାନ ସହ ପ୍ରତିବନ୍ଧିତ ରସାୟନ ଏବଂ ପେଟ୍ରୋକେମିକାଲ୍ସ ଉତ୍ପାଦ କ୍ରୟ କରୁଥିବା ମୋଟ ୨୪ଟି କମ୍ପାନୀ ଉପରେ ମଧ ପ୍ରତିବନ୍ଧକ ଲଗାଇଛି ଟ୍ରମ୍ପ ପ୍ରଶାସନ । ଏହି କମ୍ପାନୀ ଗୁଡ଼ିକ ମଧ୍ୟରେ ୬ଟି ଭାରତୀୟ କମ୍ପାନୀ। ଯେଉଁ ଆମେରିକା ରାଷ୍ଟ୍ରପତି ଭାରତକୁ ବନ୍ଧୁ ରାଷ୍ଟ୍ର ବୋଲି କହୁଥିଲା ଆଜି ସେହି ଆମେରିକା ଭାରତ ଉପରେ ଟାରିଫ୍ ବୋଝ






## କେତେ ପ୍ରଭାବିତ ହେବ ଭାରତ

ସେହିପରି କିଛି ବିଶେଷଜ୍ଞ କହିବା କଥା, ଟାରିଫ ଲାଗୁ କେବଳ ଭାରତ କାହିଁକି ଏହା ଆମେରିକୀୟଙ୍କୁ ମଧ ପ୍ରଭାବିତ କରିବ । କାରଣ ଭାରତରୁ ଶସ୍ତାରେ କପଡ଼ା, ଟେକ୍ସଟାଇଲ୍ସ ନେଉଛି ଆମେରିକା। ତେଣୁ ସବୁକିଛି ନିର୍ଭର କରିବ ଆଗକୁ ଭାରତ-ଆମେରିକାର ଟ୍ରେଡ ଡିଲ୍ ଉପରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଟ୍ରମ୍ପଙ୍କ ୫୦ ପ୍ରତିଶତ ରେସିପ୍ରୋକାଲ୍ ଟାରିଫ୍ ବୋଝ ଭାରତରୁ ଆମେରିକାକୁ ରପ୍ତାନୀ ହେଉଥିବା ଟେକ୍ସଟାଇଲ, ଫାର୍ମା, ଇଲେକ୍ଟ୍ରୋନିକ୍ସ, କେମିକାଲ୍, ବସ୍ତ୍ର, ଅଟୋ କମ୍ପୋନେଟସ, ଚମଡ଼ା ସାମଗ୍ରୀ, ଜୋତା, ରତ୍ନ ଏବଂ ଆଭୂଷଣ ସାମଗ୍ରୀ ଉପରେ ଏତେଟା ପ୍ରଭାବ ପଡ଼ିବ ନାହିଁ । ଏଗୁଡ଼ିକ ଏମିତି ଏକ ସେକ୍ଟର ଯାହାର ପ୍ରମୁଖ କ୍ରେତା ଆମେରିକା। ବଡ ପ୍ରସଙ୍ଗ ହେଉଛି ଆମେରିକା ଭାରତର କୃଷି ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ପ୍ରବେଶ କରିବାକୁ ଚାହୁଁଛି । ଜାତୀୟ ସ୍ୱାର୍ଥକୁ

ପ୍ରାଥମିକତା ଦେଇ ଭାରତ ଏଥିରେ ରାଜି ହେଉନି। ଏଥିପାଇଁ ଟ୍ରମ୍ପ ଏକତରଫା ଟାରିଫ ଘୋଷଣା କରିଛନ୍ତି । ବର୍ତ୍ତମାନ ଭାରତ ପାଇଁ ବିକଳ୍ପ ବଜାର ଭାବେ ବ୍ରିକ୍ସ ଦେଶ, ୟୁରୋପ, ମଧ୍ୟ ପୂର୍ବ ଏସିଆ ଏବଂ ଆଫ୍ରିକା ମହାଦେଶ ଖୋଲା ରହିଛି । ଏହା ସହ ଭାରତ-ବ୍ରିଟେନ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ହୋଇଥିବାରୁ ଭାରତ-ଇଂଲଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ କାରବାର ବୃଦ୍ଧି ହେବ। ଭାରତୀୟ ଉତ୍ପାଦ ଉପରେ ୯୯ ପ୍ରତିଶତ କର ହ୍ରାସ କରିଛି ବ୍ରିଟେନ୍ । ବର୍ତ୍ତମାନ ଭାରତର ଅର୍ଥନୀତି ପାଖାପାଖି ୪ ଟ୍ରିଲିଅନ୍ ଡଲାର ରହିଛି । ନୀତି ଆୟୋଗ ସିଇଓଙ୍କ କହିବା ଅନୁଯାୟୀ, ୨୦୨୫ ମସିହା ଶେଷ ସୁଦ୍ଧା ଭାରତର ଅର୍ଥ ବ୍ୟବସ୍ଥା ଦୁନିଆର ଚତୁର୍ଥ ଅର୍ଥ ବ୍ୟବସ୍ଥା ହୋଇଯିବ । ଭାରତର ଲଗାତର ଅଭିବୃଦ୍ଧି ମଧ୍ୟ ଆମେରିକା ପାଇଁ ଚକ୍ଷୁଶୀଳ ହେଉଛି । ୨୦୨୪ରେ ଆମେରିକାକୁ ଭାରତର ରପ୍ତାନି ୮୭ ରୁ ୮୮ ବିଲିୟନ୍ ଡଲାର ଥିଲା। ବିଶ୍ୱର ସବୁଠୁ ଭଲ ଏବଂ ବୃହତ୍ତ ଘରୋଇ ବଜାର ଭାରତ ପାଖରେ




ରହିଛି । ତେଣୁ ଆମ ଦେଶରେ ପୁଞ୍ଜିନିବେଶ ପାଇଁ ଅନେକ ରାଷ୍ଟ୍ର ଆଗ୍ରହୀ ଅଛନ୍ତି । ଭାରତରେ ସ୍ଥିର ଗଣତାନ୍ତ୍ରିକ ସରକାର, ଯୋଜନାର ସଫଳ ରୂପାୟନ ଏକ ବଡ଼ ଉଦାହରଣ ମଧ୍ୟ । ବିଶେଷ କରି ଭାରତର ଚାରିପାଖରେ ଥିବା ପଡ଼ୋଶୀ ରାଷ୍ଟ୍ର ଯଥା ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ଥାନ ଭଳି ଦେଶ ଅନେକ ଘାତ ପ୍ରତିଘାତ, ଆତଙ୍କବାଦ ଓ ଅସ୍ଥିରତା ଦେଇ ଗତି କରୁଛନ୍ତି। କିନ୍ତୁ ଭାରତରେ ସବୁକିଛି ଠିକ୍ ଚାଲିଛି । ତେଣୁ ଆମେରିକା ଭାରତକୁ ଅସୁବିଧାରେ ପକାଇ ତା'ର ଅଭିବୃଦ୍ଧିରେ ରୋକ୍ ଲଗାଇବାକୁ ପ୍ରୟାସ କରୁଛି। କେବଳ ବଡ଼ ରେସିପ୍ରୋକାଲ୍ ଟାରିଫ୍ ବା ରପ୍ତାନି ଶୁଳ୍କ ନୁହେଁ, ରୁଷ୍ ସହ ବାଣିଜ୍ୟିକ କାରବାର, ତୈଳ ଆମଦାନୀ ପାଇଁ ଭାରତ ଉପରେ ଆମେରିକା ଅତିରିକ୍ତ ଜରିମାନା ଲଦିବ। କାରଣ ରୁଷ୍ କିମ୍ବା ଇରାନ୍ ସହ ଭାରତର କାରବାର ଆମେରିକା ଦେହରେ ଯାଉନି । ଏଭଳି ସ୍ଥିତିରେ ଆତଙ୍କବାଦୀ ରାଷ୍ଟ୍ର ପାକିସ୍ତାନକୁ କିନ୍ତୁ ଆମେରିକା ପ୍ରୋତ୍ସାହନ ଦେବାକୁ ଆଗେଇ ଆସିଛି।



## ଆମେରିକା-ଭାରତ
## ବାଣିଜ୍ୟିକ ସଂପର୍କରେ ଫାଟ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଘୋଷଣା ପରେ ଭାରତ ଏବଂ ଆମେରିକା ମଧ୍ୟରେ ଦେଖା ଦେଇଛି ବଡ଼ ଧରଣର ବାଣିଜ୍ୟିକ ଫାଟ। । ବର୍ତ୍ତମାନ ଭାରତୀୟସାମଗ୍ରୀ ଉପରେ ୫୦ ପ୍ରତିଶତ ରପ୍ତାନି ଶୁଳ୍କ ଲାଗୁ ପରେ ଭାରତର ପ୍ରାୟ ୮୭ ବିଲିୟନ ଡଲାର ରପ୍ତାନି ବିପଦରେ ପଡ଼ି ଯାଇଛି । ସ୍ମାର୍ଟଫୋନଠାରୁ ଆରମ୍ଭ କରି ଅଟୋମୋବାଇଲ୍, ଅଟୋ ଯନ୍ତ୍ରାଂଶ, ଇସ୍ପାତ, ଆଲୁମିନିୟମ୍, ସୋଲାର ମଡ୍ୟୁଲ, ସାମୁଦ୍ରିକ ଉତ୍ପାଦ,ନିର୍ଦ୍ଦିଷ୍ଟ ପ୍ରକ୍ରିୟାକରଣ ଖାଦ୍ୟ ପଦାର୍ଥ ଏବଂ କୃଷି ଆଦି ଭାରତର ପ୍ରମୁଖ ରପ୍ତାନି କ୍ଷେତ୍ର ପ୍ରଭାବିତ ହେବାକୁ ଯାଉଛି। ରୁଷ୍ ସହ ଭାରତର ଘନିଷ୍ଠତା ଟ୍ରମ୍ପଙ୍କୁ ହଜମ ହେଉନଥିବା ବେଳେ ପାକିସ୍ତାନର ବିଶାଳ ତୈଳ ଭଣ୍ଡାରର ଉତ୍ତୋଳନ ପାଇଁ ଆମେରିକା ଆଗ୍ରହ ଦେଖାଇଛି । ପାକିସ୍ତାନର ସାମୁଦ୍ରିକ ସୀମାରେ ତୈଳ ଏବଂ ଗ୍ୟାସର ଏକ ବିଶାଳ ଭଣ୍ଡାରର ସନ୍ଧାନ ମିଳିଛି । କିନ୍ତୁ ପାକିସ୍ତାନ ପାଇଁ ଅର୍ଥ ସାଜିଛି ବାଧକ। ତେଣୁ ପାକିସ୍ତାନର ଏହି ତୈଳ ଉତ୍ତୋଳନ ପାଇଁ ୪୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ଅର୍ଥ ଖର୍ଚ୍ଚ କରି ଫାଇଦା ନେବାକୁ ଆମେରିକ ଆଗଭର ଦେଖାଇଛି। କାରଣ ଆମେ ପୂର୍ବରୁ ଜାଣିଛେ ଦୁର୍ବଳ ଦେଶକୁ ସହାୟତା ଦେବା ବାହାନାରେ ଆମେରିକାର ବୃହତ୍ତର ସ୍ୱାର୍ଥ ଏହା ପଛରେ ଲୁଚି ରହିଥାଏ। ତେଣୁ ପାକିସ୍ତାନକୁ ଗୋଟାପଣେ ଅଣ୍ଟିରେ ପୂରାଇ ଫାଇଦା ନେବାକୁ ଚାହୁଁଛି ଆମେରିକା । ଏବେ ଟ୍ରମ୍ପଙ୍କ ଏକାଧିକ ପଦକ୍ଷେପ ଭାରତ ବିରୋଧୀ ହେବାରେ ଲାଗିଛି । ଏଗୁଡ଼ିକ ହେଉଛି: -

୧ ରୁଷ୍-ୟୁକ୍ରେନ ଯୁଦ୍ଧ ସମୟରେ ଆମେରିକା ରୁଷ୍ ଉପରେ ଆର୍ଥିକ କଟକଣା ଲଗାଇଥିଲା । ହେଲେ ଭାରତ ରୁଷ୍ ସହିତ ବାଣିଜ୍ୟ ଜାରି ରଖିଥିଲା । ରୁଷ୍‌ରୁ ତୈଳ କିଣିଥିଲା ଭାରତ । ଯାହାକୁ ନେଇ ଟ୍ରମ୍ପ ପୂର୍ବରୁ ମଧ୍ୟ ଭାରତକୁ ଧମକ ଦେଇଥିଲେ ।


୨ ବ୍ରିକ୍ ସମ୍ମିଳନୀରେ ଆମେରିକାର ଆଧିପତ୍ୟକୁ ପ୍ରତ୍ୟାଖ୍ୟାନ କରାଯିବା ଟ୍ରମ୍ପଙ୍କୁ ଅଧିକ ବାଧିଛି । ବିଶେଷ କରି ଡଲାରର ବିକଳ୍ପ ମୁଦ୍ରା ଚିନ୍ତା କରୁଛନ୍ତି ବ୍ରିକ୍ସ ରାଷ୍ଟ୍ର ସମୂହ ।

୩ ଭାରତର ଆର୍ଥିକ କ୍ଷମତା ବୃଦ୍ଧି ହେଉଛି । ତେଣୁ ଭାରତ ୟୁରୋପ ସମେତ ଇରାନ ଭଳି କିଛି ଦେଶ ସହ ବାଣିଜ୍ୟ କାରବାର କରୁଥିବାରୁ ଟ୍ରମ୍ପ ଏହାକୁ ଗ୍ରହଣ କରିପାରୁ ନାହାନ୍ତି ।

୪ ଆମେରିକା ସବୁବେଳେ ଭାରତକୁ ନିଜର ଗୋଡ଼ାଣିଆ କରି ରଖିବା ପାଇଁ ଚାହୁଁଛି । କିନ୍ତୁ ଭାରତ ଏଥିରେ ରାଜି ହେଉନି ।

ଏବେ ନଜର ପକାଇବା କାହିଁକି ହୋଇପାରନି ଭାରତ-ଆମେରିକା ଟ୍ରେଡ୍ ଡିଲ୍ ।

**କୃଷି ଏବଂ ଦୁଗ୍ଧ ଉତ୍ପାଦନକୁ ନେଇ ମତଭେଦ** - ଆମେରିକା ଚାହୁଁଛି ଯେ, ଏହାର କ୍ଷୀର ଉତ୍ପାଦଗୁଡ଼ିକକୁ ଭାରତରେ ଆମଦାନି ପାଇଁ ଅନୁମତି ଦିଆଯାଉ । ଆମେରିକୀୟ କମ୍ପାନୀମାନେ ଦାବି କରୁଛନ୍ତି ସେମାନଙ୍କର କ୍ଷୀର ସଫା ଏବଂ ଗୁଣାତ୍ମକ। ଏହା ଭାରତୀୟ ବଜାରରେ ଶସ୍ତାରେ ଉପଲବ୍ଧ ହେବ। କିନ୍ତୁ ଭାରତ ବିଶ୍ୱର ସର୍ବବୃହତ୍ କ୍ଷୀର ଉତ୍ପାଦକ ଏବଂ କୋଟି କୋଟି ଛୋଟ ଚାଷୀଙ୍କୁ ଏହି କ୍ଷେତ୍ରରେ ନିୟୋଜିତ ଅଛନ୍ତି । ଭାରତ ସରକାର ଭୟ କରୁଛନ୍ତି ଯେ, ଯଦି ଆମେରିକୀୟ କ୍ଷୀର ଉତ୍ପାଦ ଭାରତକୁ ଆସେ, ତେବେ ଏହା ସ୍ଥାନୀୟ ଚାଷୀଙ୍କ ପାଇଁ ବଡ଼ କ୍ଷତି ଘଟାଇବ । ଏହା ବ୍ୟତୀତ ଗାଈମାନଙ୍କ ସହ ଭାରତୀୟ ଧାର୍ମିକ ଭାବନା ମଧ୍ୟ ଜଡ଼ିତ। ଭାରତରେ କ୍ଷୀର ଶୁଦ୍ଧ ନିରାମିଷ। ଆମେରିକାରେ କିନ୍ତୁ କିଛି କ୍ଷୀର ଉତ୍ପାଦ ପଶୁ ହାଡ଼ରୁ ତିଆରି। ଏଥିପାଇଁ ଏନଜାଇମ୍ ବା ରେନେଟ୍ ବ୍ୟବହାର କରୁଛନ୍ତି ସେମାନେ । ତେଣୁ ଭାରତ କେବଳ ନିରାମିଷ ପ୍ରସ୍ତୁତି କ୍ଷୀର ଉତ୍ପାଦନ ଚାହୁଁଛି। ଆମେରିକା ଚାହୁଁଛି ଯେ ଗହମ, ଚାଉଳ, ସୋୟାବିନ୍, ମକା, ସେଓ, ଅଙ୍ଗୁର ଇତ୍ୟାଦି ଭାରତୀୟ ବଜାରରେ କମ୍ ଟିକସରେ ବିକ୍ରି କରାଯାଉ । ଏହା ଉପରେ ଭାରତ ଆମଦାନି ଶୁଳ୍କ ହ୍ରାସ କରୁ ବୋଲି ଆମେରିକା ଚାହୁଁଛି। ଆମେରିକା ଭାରତରେ ବାୟୋଟେକ୍ନୋଲୋଜି (GMO) ଫସଲ ବିକ୍ରୟ କରିବାକୁ ଚାହୁଁଛି। କିନ୍ତୁ ଭାରତ ସରକାର ଏବଂ କୃଷକ ସଂଗଠନ ଗୁଡ଼ିକ ଏହାକୁ ଦୃଢ଼ ବିରୋଧ କରୁଛନ୍ତି।





## ଟ୍ରମ୍ପଙ୍କ ଶୁଳ୍କ ନୀତିକୁ ନେଇ ମତଭେଦ

ଆମେରିକାର ଟ୍ରମ୍ପ ପ୍ରଶାସନ ଗତ ୨ ଏପ୍ରିଲ, ୨୦୨୫ ରେ ଭାରତ ସମେତ କେତେକ ଦେଶ ଉପରେ ୨୬% ପାରସ୍ପରିକ ଶୁଳ୍କ ଲଗାଇବାକୁ ଘୋଷଣା କରିଥିଲା । ଯାହାକୁ ୯ ଜୁଲାଇ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ଭାରତ ଏହି ଅତିରିକ୍ତ ଶୁଳ୍କ ସହିତ ସହମତ ନୁହେଁ । ଏହା ବ୍ୟତୀତ ଭାରତ ଇସ୍ପାତ, ଆଲୁମିନିୟମ ଏବଂ ଅଟୋ ପାର୍ଟସ ଉପରେ ପୂର୍ବରୁ ଲାଗୁ ଶୁଳ୍କ ଛାଡ଼ ଦାବି କରୁଛି ।

## ଆମେରିକୀୟ ବଜାରରେ ଭାରତର ସ୍ଥାନ

ଭାରତ ଏବଂ ଆମେରିକା ପୂର୍ବରୁ ଏକ କ୍ଷୁଦ୍ର ବାଣିଜ୍ୟ ଚୁକ୍ତି ଉପରେ କାମ କରୁଥିଲେ। ଯାହା ୮ ଜୁଲାଇ ୨୦୨୫ ପୂର୍ବରୁ ସମାପ୍ତ ହେବାର ଯୋଜନା ଥିଲା। କିନ୍ତୁ ବର୍ତ୍ତମାନ ଉଭୟ ଦେଶ ଏକ ବଡ଼ ବାଣିଜ୍ୟ ଚୁକ୍ତି କରିବାକୁ ଚାହୁଁଛନ୍ତି । ଯାହା ପ୍ରକ୍ରିୟାକୁ ଜଟିଳ କରି ଦେଇଛି । ଭାରତ ଚାହୁଁଛି ଯେ, ଏହାର ବୟନଶିଳ୍ପ, ଅଳଙ୍କାର, ଚମଡ଼ା ଏବଂ ପ୍ଲାଷ୍ଟିକ୍ ଶିଳ୍ପଗୁଡ଼ିକ ଆମେରିକୀୟ ବଜାରରେ ଅଧିକ ମାତ୍ରରେ ସ୍ଥାନ ପାଉ। ଅନ୍ୟପକ୍ଷରେ, ଆମେରିକା ଚାହୁଁଛି ଯେ ଭାରତ ଅଣ-ଶୁଳ୍କ ସମସ୍ୟା ହ୍ରାସ କରୁ। ଏହି ପ୍ରସଙ୍ଗରେ ଉଭୟ ଦେଶ ମଧ୍ୟରେ କୌଣସି ସହମତି ହୋଇପାରି ନାହିଁ।

## ଭାରତ ଆର୍ଥିକ ସ୍ୱାର୍ଥ ପ୍ରତି ସତର୍କ

ଭାରତ ତା'ର ଆର୍ଥିକ ଏବଂ ରଣନୈତିକ ସ୍ୱାର୍ଥ ପ୍ରତି ସତର୍କ ରହିଛି। ଭାରତ ସ୍ପଷ୍ଟ କରିଛି ଯେ, କେବଳ ଆମେରିକୀୟ ଲାଭ ପାଇଁ ସେବା କରୁଥିବା କୌଣସି ଚୁକ୍ତି ସ୍ୱାକ୍ଷର କରିବ ନାହିଁ। ଏହା ବ୍ୟତୀତ କୃଷକ ସଂଗଠନ ଏବଂ ନାଗରିକ ସମାଜ ପକ୍ଷରୁ ମଧ୍ୟ ଭାରତ ସରକାରଙ୍କ ଉପରେ ଚାପ ରହିଛି । ସରକାର ଏହାକୁ ଅଣଦେଖା କରିପାରିବେ ନାହିଁ।

## ଟାରିଫ୍ ପଛରେ ବ୍ରିକ୍ସ କାରଣ




ବ୍ରିକ୍ସକୁ ଆମେରିକା ବିରୋଧୀ ଗୋଷ୍ଠୀ ବୋଲି ଟ୍ରମ୍ପ ସିଧା କହିଛନ୍ତି। ବ୍ରିକ୍ସ ଡଲାର ଆଧିପତ୍ୟ କମ କରିବାକୁ ଚାହୁଁଚି। ତେଣୁ ଡଲାର ଉପରେ ଆକ୍ରମଣ କରିବାକୁ ଦିଆଯିବନି ବୋଲି ଆମେରିକା କହି ଆସୁଛି। ତେଣୁ ବେଳହୁଁ ସାବଧାନ ନ୍ୟାୟରେ ବ୍ରାଜିଲ, ରୁଷ, ଭାରତ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା ବ୍ରିକ୍ସ ଗୋଷ୍ଠୀ ଡଲାରର ପ୍ରାଧାନ୍ୟ ଶେଷ କରିବାକୁ ଚାହୁଥିବା ବେଳେ ଆମେରିକା ନିଜକୁ ସତର୍କ କରାଇ ନେବା ସହ ଭାରତ ଭଳି ବ୍ରିକ୍ସ ସଦସ୍ୟଗୁଡ଼ିକ ଉପରେ ଟାରିଫ୍ ବୋଝ ଲଦିବାକୁ ଏଭଳି ଯୋଜନା କରିଛି।

---

ନିଜର ନିଷ୍ପତ୍ତିରେ ଅଟଳ ରହୁନଥିବା ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ନିଜର ୨ ଶହ ଦିନର ଶାସନ କାଳରେ ୩୪ ରୁ ଅଧିକ ଥର ନିଷ୍ପତ୍ତି ବଦଳାଇଥିବା ବେଳେ ୨୮ ଥର ନିଜ ନିଷ୍ପତ୍ତିରୁ ପଛକୁ ହଟିଲେଣି । ତେଣୁ ଆମେରିକାର ଗଣତନ୍ତ୍ରର ୨ ଶହ ୫୦ ବର୍ଷ ଇତିହାସରେ ଟ୍ରମ୍ପଙ୍କ ଭଳି ରାଷ୍ଟ୍ରପତି ଆମେରିକା ଗଣତନ୍ତ୍ରକୁ ଏକ ପିଲା ଖେଳ ଭଳି ବ୍ୟବହାର କରିବା ଓ ରାଷ୍ଟ୍ରପତି ପଦ ମର୍ଯ୍ୟାଦାର ଗରିମା ନଷ୍ଟ କରିବା ଆଗାମୀ ଦିନରେ କୌଣସି ବି ଗଣତନ୍ତ୍ର ରାଷ୍ଟ୍ର ପାଇଁ ଗ୍ରହଣୀୟ ନୁହେଁ । ■

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ, ମୋ: ୯୭୭୮୬୯୭୦୩୬




# ଭାରତ-ଆମେରିକା ବାଣିଜ୍ୟିକ ସମ୍ପର୍କ





ଡକ୍ଟର ଦିନେଶ କୁମାର ନାୟକ




**ଆମେରିକାର ଟ୍ରମ୍ପ ପ୍ରଶାସନ ଭାରତର ବିଭିନ୍ନ ଦ୍ରବ୍ୟ ରପ୍ତାନି ଉପରେ ୫୦ % ଟାରିଫ୍ ଲାଗୁ କରିବା ପାଇଁ ଘୋଷଣା କରିଛି । ଭାରତୀୟ ଆମଦାନୀ ଉପରେ ଆମେରିକା ଦ୍ୱାରା ରୁଷ୍ ଶକ୍ତି ଏବଂ ପ୍ରତିରକ୍ଷା କ୍ରୟ ପାଇଁ ଦଣ୍ଡ ସହିତ ସମ୍ପ୍ରତି ୫୦% ଟାରିଫ୍ ଲାଗୁ କରିବା - ଭାରତ-ଆମେରିକା ବାଣିଜ୍ୟ ବିକାଶ ସମ୍ପର୍କରେ କଠୋର ମନେ ହୁଏ । ଏହା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ (ଏସ୍.ଏମ୍.ଇଜ୍) ବିଶେଷ କରି ଟେକ୍ସଟାଇଲ୍, ଗହଣା ଓ ସାମୁଦ୍ରିକ ଉତ୍ପାଦ କ୍ଷେତ୍ରକୁ ପ୍ରଭାବିତ କରେ । ଏହା ଦ୍ୱାରା ଓଡ଼ିଶାର ଶିଳ୍ପ ଉଦ୍ୟୋଗ ମଧ୍ୟ ପ୍ରଭାବିତ ହେଉଛି । ଏଗୁଡ଼ିକ ଭାରତକୁ ସର୍ତ୍ତାବଳୀ ପୁନଃଆଲୋଚନା, ଏହାର ଆର୍ଥିକ ସ୍ଥିରତା ବୃଦ୍ଧି ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳରେ ଏହାର ସ୍ଥିତିକୁ ସୁଦୃଢ଼ କରିବାର ସୁଯୋଗ ପ୍ରଦାନ କରେ । ଟାରିଫ୍‌କୁ ଅସ୍ଥାୟୀ ପଶ୍ଚାତ୍ତାଳନ ପରିବର୍ତ୍ତେ ପରିବର୍ତ୍ତନର ଉପକରଣ ଭାବରେ ବ୍ୟବହାର କରି, ଭାରତ କ୍ଷଣସ୍ଥାୟୀ ଚ୍ୟାଲେଞ୍ଜକୁ ଦୀର୍ଘକାଳୀନ ସୁଯୋଗରେ ପରିଣତ କରିପାରିବ । ଏହି ଲେଖାରେ ଟାରିଫ୍ ଲାଗୁ ଉପରେ ଆର୍ଥିକ ପ୍ରଭାବ, ଭାରତର ଆଲୋଚନା ରଣନୀତି, ବିଶ୍ୱ ବାଣିଜ୍ୟ ପରିବର୍ତ୍ତନରୁ ସୃଷ୍ଟି ହେଉଥିବା ସୁଯୋଗ ଏବଂ ବିକଶିତ ଦୃଶ୍ୟପଟକୁ ବାଟ କଢ଼ାଇବା ପାଇଁ ନୀତି ସୁପାରିଶ ଆଦି ସଂପର୍କରେ ଆଲୋଚନା କରାଯାଇଛି ।**

## ଟାରିଫ୍‌ର ପ୍ରଭାବ

ଭାରତ ଉପରେ ଆମେରିକାର ଟାରିଫ୍‌ର ଆର୍ଥିକ ପ୍ରଭାବ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ସୂକ୍ଷ୍ମ। ଆକଳନ ଅନୁଯାୟୀ ଯଦି ଆର୍ଥିକ ବର୍ଷ ୨୬ ପର୍ଯ୍ୟନ୍ତ ବଜାୟ ରଖାଯାଏ, ତେବେ ଏହି ଟାରିଫ୍ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ପୂର୍ବାନୁମାନକୁ ୦.୨ ପ୍ରତିଶତ ହ୍ରାସ କରିପାରିବ, ଯାହା ୬.୨% ରୁ ୬.୦% କୁ ହ୍ରାସ କରିପାରିବ। ଆମେରିକା ହେଉଛି ଭାରତର ସର୍ବବୃହତ ରପ୍ତାନି ବଜାର, ଯାହା ଭାରତର ଜିଡିପିରେ ପ୍ରାୟ ୨.୨% ଅବଦାନ ରଖେ, ଭାରତର ବିଶ୍ୱ ରପ୍ତାନିର ୩୦-୪୦ % ପ୍ରମୁଖ କ୍ଷେତ୍ରରେ ନିର୍ଦ୍ଦେଶିତ। ଏହି ନିର୍ଭରଶୀଳତା ଆମେରିକା ବଜାରରେ ପ୍ରତିଯୋଗିତାମୂଳକ ପ୍ରବେଶ ବଜାୟ ରଖିବାର ଗୁରୁତ୍ୱକୁ ଗୁରୁତ୍ୱ ଦିଏ। ଭାରତର ରପ୍ତାନି ଶୃଙ୍ଖଳରେ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଶେଷ ଭାବରେ ବିପଦରେ ଅଛନ୍ତି। ସୀମିତ କାର୍ଯ୍ୟକାରୀ ପୁଞ୍ଜି ଏବଂ କ୍ଷୀଣ ମାର୍ଜିନ୍ ସହିତ କାର୍ଯ୍ୟ କରୁଥିବା ଏହି ବ୍ୟବସାୟଗୁଡ଼ିକ ଅତିରିକ୍ତ ଖର୍ଚ୍ଚକୁ ଗ୍ରହଣ କରିବାକୁ ସଂଘର୍ଷ କରିପାରନ୍ତି, ଯାହା ସମ୍ଭାବ୍ୟ ଭାବରେ ବୟନଶିଳ୍ପ, ରତ୍ନ ଏବଂ ଅଳଙ୍କାର ଏବଂ ସାମୁଦ୍ରିକ ଖାଦ୍ୟ ଉତ୍ପାଦ ଭଳି ଶ୍ରମ-ସଘନ କ୍ଷେତ୍ରଗୁଡ଼ିକରେ ଚାକିରି କ୍ଷତିର କାରଣ ହୋଇପାରେ। ଉଦାହରଣ ସ୍ୱରୂପ, ଆମେରିକାକୁ ଚିଙ୍ଗୁଡ଼ି ଏବଂ ଚିଙ୍ଗୁଡ଼ି ରପ୍ତାନିରେ ଭାରତର ପ୍ରତିଯୋଗିତାମୂଳକ ଧାର ନିରନ୍ତର ଟାରିଫ୍ ଚାପ ଅଧୀନରେ ହ୍ରାସ ପାଇପାରେ। ଓଡ଼ିଶାର ମାରିନ୍ ଉଦ୍ୟୋଗ, ଖାସକରି ଶିଳ୍ପ କ୍ଷେତ୍ର, ଯୁକ୍ତରାଷ୍ଟ୍ର ବଜାରରେ ରପ୍ତାନି ହ୍ରାସ ହେବାରୁ ପ୍ରଭାବିତ ହେବ।

ଆମେରିକାର ବାଣିଜ୍ୟ ପ୍ରସାରଣ ଆଇନର ଧାରା ୨୩୨ ଅନୁଯାୟୀ, ଯଦି ଆମଦାନୀ ସମ୍ପର୍କିତ ପରିମାଣ କିମ୍ବା ପରିସ୍ଥିତି ଜାତୀୟ ସୁରକ୍ଷାକୁ ବିପଦରେ ପକାଇଥାଏ ବୋଲି ମନେ କରାଯାଏ, ତେବେ ଅନ୍ୟ ଦେଶରୁ ସାମଗ୍ରୀ କିମ୍ବା ସାମଗ୍ରୀର ଆମଦାନୀକୁ ସମାଯୋଜିତ କରିବା ପାଇଁ ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତିଙ୍କୁ କ୍ଷମତା ଦିଆଯାଇଛି। ଏହି ସମୟରେ ଔଷଧ ଏବଂ ଇଲେକ୍ଟ୍ରୋନିକ୍ସ ଭଳି କ୍ଷେତ୍ରଗୁଡ଼ିକକୁ ବର୍ତ୍ତମାନ ଧାରା ୨୩୨ ତଦନ୍ତ ଅନୁଯାୟୀ ପାରସ୍ପରିକ ଟାରିଫ୍‌ରୁ ମୁକ୍ତ ରଖାଯାଇଛି, ଯାହା ଅସ୍ଥାୟୀ ଆଶ୍ୱସ୍ତି ପ୍ରଦାନ କରୁଛି। ତଥାପି, ଯଦି କ୍ଷେତ୍ରଗତ ଟାରିଫ୍ ଲାଗୁ କରାଯାଏ, ତେବେ ଏହି ଶିଳ୍ପଗୁଡ଼ିକ ପରେ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରନ୍ତି। ଏହାର ବ୍ୟାପକ ପ୍ରଭାବ ଟାରିଫ୍‌ର ଅବଧି ଏବଂ ପରିସର ଉପରେ ନିର୍ଭର କରେ ଏବଂ ଗୁରୁତ୍ୱପୂର୍ଣ୍ଣ ଅନିଶ୍ଚିତତା ବାକି ରହିଛି। ଆମେରିକା ସହିତ ଏହାର ଉନ୍ନତ ଆଲୋଚନା ପର୍ଯ୍ୟାୟ ସତ୍ତ୍ୱେ, ଭାରତ ଭିଏତନାମ (୨୦% ଟାରିଫ୍) ଏବଂ ଇଣ୍ଡୋନେସିଆ (୧୯ %) ପରି ପ୍ରତିଯୋଗୀମାନଙ୍କ ତୁଳନାରେ ଏକ ଆପେକ୍ଷିକ ଅସୁବିଧାର ସମ୍ମୁଖୀନ ହୁଏ। ଏହି ଅସମାନତା ନିକଟ-କାଳୀନ ବାଣିଜ୍ୟ ପରିବର୍ତ୍ତନ ଲାଭକୁ ସୀମିତ କରିପାରେ, ଯଦିଓ ଚୀନ୍ ପ୍ଲସ୍ ୱାନ୍ ରଣନୀତି - ଏକ ବ୍ୟବସାୟିକ ପଦ୍ଧତି ଯେଉଁଠାରେ କେବଳ ଚୀନ୍ ଉପରେ ନିର୍ଭର ନକରି ଚୀନ୍ ବାହାରେ ବିସ୍ତାର କରି ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳା କାର୍ଯ୍ୟକୁ ବିବିଧ କରିବା ଦ୍ୱାରା ବିଶ୍ୱ ଯୋଗାଣ ଶୃଙ୍ଖଳରେ ଭାରତର ଦୀର୍ଘକାଳୀନ ଆକର୍ଷଣ ଅକ୍ଷୁଣ୍ଣ ରହିଛି।



## ଆଲୋଚନା ରଣନୀତି

ଆମେରିକା ସହିତ ଆଲୋଚନା ପାଇଁ ଭାରତର ଆଭିମୁଖ୍ୟ ରଣନୈତିକ ଏବଂ ଅନୁକୂଳ ହେବା ଆବଶ୍ୟକ। ଅଗଷ୍ଟ ଶେଷ ଭାଗରେ ଭାରତକୁ ଆସୁଥିବା ଆମେରିକା ବାଣିଜ୍ୟ ପ୍ରତିନିଧି ଦଳଙ୍କ ଗସ୍ତ ଦ୍ୱାରା ପରାମର୍ଶ ଦିଆଯାଇଥିବା ବର୍ଦ୍ଧିତ ଟାରିଫ୍ ଏକ ସ୍ଥିର ନୀତି ପରିବର୍ତ୍ତେ ଅସ୍ଥାୟୀ ଲାଭ ଭାବରେ କାର୍ଯ୍ୟ କରିପାରେ। ଏହା ସୂଚାଇ ଦିଏ ଯେ ଆଲୋଚନା ଚ୍ୟାନେଲଗୁଡ଼ିକ ଖୋଲା ରହିଛି, ଯାହା ସମ୍ଭାବ୍ୟ ଭାବରେ ୧୫-୨୦% ପର୍ଯ୍ୟନ୍ତ ଆଲୋଚନା ହ୍ରାସ ପାଇଁ ନେତୃତ୍ୱ ନେଉଛି, ଯାହା ଅନ୍ୟତ୍ର ଆମେରିକା ଚୁକ୍ତି ସହିତ ସମନ୍ୱୟ ରଖିପାରିବ। ଭାରତକୁ ଏକ ବ୍ୟାପକ ବାଣିଜ୍ୟ ଚୁକ୍ତିନାମା ଅନୁସରଣ କରିବା ଉଚିତ ଯାହା ଆମେରିକାର ଦାବିଗୁଡ଼ିକକୁ ସମ୍ବୋଧିତ କରିବା ସହିତ ଏହାର ମୂଳ ସ୍ୱାର୍ଥକୁ ସୁରକ୍ଷା ଦେବ, ନୀତି ନମନୀୟତାକୁ ଆଘାତ କରିପାରେ କିମ୍ବା ମହଙ୍ଗା ଉଦାହରଣ ସ୍ଥାପନ କରିପାରିବ। ଏକ ପ୍ରମୁଖ ଚ୍ୟାଲେଞ୍ଜ ହେଉଛି ରାଷ୍ଟ୍ରପତି ଟ୍ରମ୍ପଙ୍କ ଅଧୀନରେ



ଆମେରିକା ବାଣିଜ୍ୟ ନୀତିକୁ ନେଭିଗେଟ୍ କରିବା, ଯାହା ରଣନୈତିକ ସମ୍ପର୍କ ଅପେକ୍ଷା ସ୍ଥାନୀୟ ରାଜନୈତିକ ସ୍ୱାର୍ଥକୁ ପ୍ରାଥମିକତା ଦିଏ। ଟ୍ରମ୍ପ ତାଙ୍କ 'ଆମେରିକାକୁ ପୁଣି ଥରେ ମହାନ କର' (ଏମ୍.ଏ.ଜି.ଏ) ନିର୍ବାଚନମଣ୍ଡଳୀ ପାଇଁ ପ୍ରଦାନ କରିବା ଉପରେ ଧ୍ୟାନ - ଯାହା ସୋୟା ଭଳି କୃଷି ଉପରେ ଗୁରୁତ୍ୱ ଦେଇ ସ୍ପଷ୍ଟ - ଆଲୋଚନାକୁ ଜଟିଳ କରୁଛି। ଆମେରିକା-ଚୀନ ଉତ୍ତେଜନା ଯୋଗୁଁ, ବ୍ରାଜିଲଠାରୁ ହରାଇଥିବା ୨୫ ବିଲିୟନ ଡଲାରର ବଜାର, ସୋୟାବିନ୍ ତେଲ ଉପରେ ଅଚଳାବସ୍ଥା ଏହି ଗତିଶୀଳତାକୁ ଉଦାହରଣ ଦିଏ। ଭାରତ, ବାର୍ଷିକ ୪ ବିଲିୟନ ଡଲାରର ସୋୟାବିନ୍ ତେଲ ଆମଦାନୀ କରୁଛି, ଏହି ଫାଙ୍କ ପୂରଣ ପାଇଁ ଚାପର ସମ୍ମୁଖୀନ ହେଉଛି, ତଥାପି ଘରୋଇ କୃଷକଙ୍କ ଚିନ୍ତା ରିହାତିକୁ ସୀମିତ କରୁଛି।

ଟ୍ରମ୍ପଙ୍କ ଆଲୋଚନା ଶୈଳୀକୁ ବୁଝିବା ଏବଂ ଭାରତ ଏହାର ଶକ୍ତି, ଯେପରିକି ଏହାର ବର୍ଦ୍ଧିତ ବଜାର ଏବଂ ଭୂରାଜନୈତିକ ସମନ୍ୱୟକୁ ବ୍ୟବହାର କରିବା ଉଚିତ, ଯେତେବେଳେ କି ଟ୍ରମ୍ପଙ୍କ ମତକୁ ନରମ କରିବା ପାଇଁ ୱାଲ ଷ୍ଟ୍ରିଟ୍ ଟାଇକୁନଙ୍କ ପରି ଆମେରିକୀୟ ପ୍ରଭାବଶାଳୀମାନଙ୍କୁ ସାମିଲ କରିବା ସମ୍ଭବ। ବାଣିଜ୍ୟ ଉତ୍ତେଜନା ସତ୍ତ୍ୱେ, ଭାରତ-ଆମେରିକା ସମ୍ପର୍କ ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ନିବେଶ କ୍ଷେତ୍ରରେ ଦୃଢ଼ ରହିଛି, ଯାହା ଏହି ଝଡ଼ର ମୁକାବିଲା ପାଇଁ ଏକ ଭିତ୍ତିଭୂମି ପ୍ରଦାନ କରୁଛି। ଭାରତ ରଣନୈତିକ ଯୁକ୍ତି ଟ୍ରମ୍ପଙ୍କୁ ପ୍ରଭାବିତ କରିବ ବୋଲି ଧରି ନେବା ଉଚିତ୍ ନୁହେଁ - ସ୍ଥାନୀୟ ରାଜନୀତି ତାଙ୍କ ହିସାବରେ ଭୂରାଜନୀତିକୁ ପରାସ୍ତ କରିବ - କିନ୍ତୁ ଏକ ସନ୍ତୁଳିତ ଚୁକ୍ତି ପାରସ୍ପରିକ ଲାଭକୁ ଅନଲକ୍ କରିପାରିବ।

## ଭାରତ ପାଇଁ ସୁଯୋଗ



ବିଶ୍ୱ ବାଣିଜ୍ୟ ପରିବର୍ତ୍ତନ, ବିଶେଷକରି ଆମେରିକା-ଚୀନ୍ ଟାରିଫ୍ ଯୁଦ୍ଧ ମଧ୍ୟରେ, ଭାରତ ଲାଭବାନ ହେବ। ୨୦୧୮ ପରଠାରୁ, ଚୀନ୍ ଆମେରିକା ବାଣିଜ୍ୟରେ ୧୫୦ ବିଲିୟନରୁ ଅଧିକ କ୍ଷତି କରିଛି, ମେକ୍ସିକୋ, ଦକ୍ଷିଣ ପୂର୍ବ ଏସିଆ ଏବଂ ଭାରତ ପରି ଦେଶଗୁଡ଼ିକ ବିସ୍ଥାପିତ ଚାହିଦାକୁ ଗ୍ରହଣ କରୁଛନ୍ତି। ଟାରିଫ୍ ଚୀନ୍ ରପ୍ତାନିକୁ ବାଧା ଦେଉଥିବାରୁ ଅଟୋ ଉପାଦାନ, ଇଲେକ୍ଟ୍ରୋନିକ୍ସ ଏବଂ ଶିଳ୍ପ ଯନ୍ତ୍ରପାତି ଭଳି କ୍ଷେତ୍ର ଭାରତକୁ ପ୍ରତିଯୋଗିତାମୂଳକ ସୁଯୋଗ ପ୍ରଦାନ କରେ। ଉଦାହରଣ ସ୍ୱରୂପ, ଅଟୋ ଉପାଦାନରେ, ୨୦ ବିଲିୟନ ଡଲାରର ଚୀନ୍ ରପ୍ତାନି ବିପଦରେ ଅଛି। ଭାରତ ଗବେଷଣା ଏବଂ ବିକାଶ, ଅନୁପାଳନ ଏବଂ ବିଶ୍ୱସ୍ତରୀୟ ମୂଳ ଉପକରଣ ନିର୍ମାତା (ଓ.ଇ.ଏମ୍.) ସହିତ ସମ୍ପର୍କ ବୃଦ୍ଧି କରି ଏକ ଅଂଶ ହାସଲ କରିପାରିବ - ଏକ ପ୍ରକ୍ରିୟା ଯାହା ମାନଦଣ୍ଡ ପୂରଣ କରିବାକୁ ଦେଢ଼-ଦୁଇ ବର୍ଷ ଆବଶ୍ୟକ କରେ।





ଔଷଧ ଶିଳ୍ପରେ ଭାରତ କ୍ଷମତା ସ୍କେଲିଂ କରି, ଆମେରିକୀୟ କାର୍ଯ୍ୟ ସ୍ଥାପନ କରି କିମ୍ବା ପାଶ୍ଚାତ୍ୟ ଫାର୍ମାଗୁଡ଼ିକ ସହିତ ସହଭାଗିତା ଗଠନ କରି ଫର୍ମୁଲେସନ ଏବଂ ସକ୍ରିୟ ଉପାଦାନରେ ଏହାର ଆମେରିକୀୟ ବଜାର ଅଂଶ ବିସ୍ତାର କରିପାରିବ। କିଛି ନିର୍ଦ୍ଦିଷ୍ଟ ଔଷଧ ଉତ୍ପାଦ ଉପରେ ପ୍ରସ୍ତାବିତ ଟାରିଫ୍ ସତ୍ତ୍ୱେ ଔଷଧ ଯୋଗାଣ ଶୃଙ୍ଖଳକୁ ବିବିଧ କରିବାର ଆମେରିକାର ଲକ୍ଷ୍ୟ ଭାରତର ଶକ୍ତି ସହିତ ସମାନ, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ଏବଂ ସହ-ଉତ୍ପାଦନରେ ସହଯୋଗ ପାଇଁ ରାସ୍ତା ଖୋଲିଥାଏ। ଇଲେକ୍ଟ୍ରୋନିକ୍ସ ମଧ୍ୟ ଅଭିବୃଦ୍ଧି ସମ୍ଭାବନା ଉପସ୍ଥାପନ କରେ, ନିମ୍ନ ଏବଂ ମଧ୍ୟ-ପ୍ରଯୁକ୍ତିବିଦ୍ୟା ଉତ୍ପାଦନରେ ଭାରତର ଗତି ଉପରେ ନିର୍ମାଣ କରେ।



ପୁଞ୍ଜିକରଣ ପାଇଁ ଭାରତକୁ କ୍ଷେତ୍ରଗତ ଅଭିବୃଦ୍ଧି, ମୂଲ୍ୟ ପ୍ରତିଯୋଗିତା ଏବଂ ଗୁଣାତ୍ମକ କାର୍ଯ୍ୟାନ୍ୱୟନ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଆମେରିକା ସହିତ ବଜାର ପ୍ରବେଶ ଆଲୋଚନାକୁ ଗଭୀର କରିବା ଦ୍ୱାରା ଭାରତର ଭୂମିକା ଏକ ବିଶ୍ୱସ୍ତ ବାଣିଜ୍ୟ ସହଯୋଗୀ ଭାବରେ ସୁଦୃଢ଼ ହୋଇପାରିବ, ଯାହା ଟାରିଫ୍ ଉତ୍ତେଜନାକୁ ରଣନୈତିକ ସମନ୍ୱୟରେ ପରିଣତ କରିପାରିବ।

## ନୀତି ସୁପାରିଶ

**ଭାରତର ପ୍ରତିକ୍ରିୟା ବହୁମୁଖୀ ହେବା ଉଚିତ। ତୁରନ୍ତ ପ୍ରଶମନ ଏବଂ ଦୀର୍ଘକାଳୀନ ପରିବର୍ତ୍ତନକୁ ସନ୍ତୁଳିତ କରିବା ଉଚିତ। ପ୍ରମୁଖ ସୁପାରିଶଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ :**

**ବାଣିଜ୍ୟ କୂଟନୀତି ଏବଂ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍ ଟି ଏ)**
ବଜାରକୁ ବିବିଧ କରିବା ଏବଂ ଆମେରିକାର ନିର୍ଭରଶୀଳତା ହ୍ରାସ କରିବା ପାଇଁ ଆମେରିକା ଏବଂ ଅନ୍ୟମାନଙ୍କ (ଯଥା, ୟୁରୋପୀୟ ସଂଘ, ଯୁକ୍ତରାଜ୍ୟ, ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ) ସହିତ ବାଣିଜ୍ୟ ଚୁକ୍ତିକୁ ତ୍ୱରାନ୍ୱିତ କରିବା।

**ପୁଞ୍ଜି ପ୍ରୋତ୍ସାହନ**
ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଉଦୀୟମାନ କ୍ଷେତ୍ରଗୁଡ଼ିକକୁ ଲକ୍ଷ୍ୟ କରି ଇଲେକ୍ଟ୍ରୋନିକ୍ସ, ଅଟୋ ଉପାଦାନ ଏବଂ ଔଷଧକୁ ଉତ୍ପାଦନ-ସଂଲଗ୍ନ ପ୍ରୋତ୍ସାହନ ବିସ୍ତାର କରିବା।

**କାରକ ଖର୍ଚ୍ଚ ହ୍ରାସ**
ଲଜିଷ୍ଟିକ୍ସ ଏବଂ ଶକ୍ତି ଖର୍ଚ୍ଚ ହ୍ରାସ କରିବା ପାଇଁ ଭିତ୍ତିଭୂମିକୁ ଉନ୍ନତ କରିବା, ବ୍ୟବସାୟିକ ସହଜତା ଏବଂ ପ୍ରତିଯୋଗିତାମୂଳକତାକୁ ଉନ୍ନତ କରିବା।

**ଡମ୍ପିଂ ବିରୋଧୀ ସତର୍କତା**
ଇସ୍ପାତ, ରାସାୟନିକ ପଦାର୍ଥ ଏବଂ ଇଲେକ୍ଟ୍ରୋନିକ୍ସରେ ସମ୍ଭାବ୍ୟ ଚୀନ୍ ଡମ୍ପିଂକୁ ପ୍ରତିହତ କରିବା ପାଇଁ ବାସ୍ତବ-ସମୟ ନିରୀକ୍ଷଣ ଏବଂ ବାଣିଜ୍ୟ ପ୍ରତିକାର ନିୟୋଜିତ କରିବା।

**ଆଙ୍କର-ନେତୃତ୍ୱାଧୀନ କ୍ଲଷ୍ଟର**
ନିବେଶକୁ ଆକର୍ଷିତ କରିବା ଏବଂ ଇକୋସିଷ୍ଟମ ନିର୍ମାଣ କରିବା ପାଇଁ ଆଙ୍କର ନିବେଶକଙ୍କ ପାଖରେ ଶିଳ୍ପ କ୍ଷେତ୍ର ବିକଶିତ କରିବା।

**ଏକୀକୃତ ବାଣିଜ୍ୟ ପ୍ରୋତ୍ସାହନ**
ଯୋଗାଣ ଶୃଙ୍ଖଳରେ ବିବିଧତା ଆଣିବା ପାଇଁ ବିଶ୍ୱସ୍ତରୀୟ ଫାର୍ମାଗୁଡ଼ିକୁ ଆକର୍ଷିତ କରିବା ପାଇଁ ଭାରତକୁ ଏକ ନିର୍ଭରଯୋଗ୍ୟ, ନିରପେକ୍ଷ ସୋର୍ସିଂ ଆଧାର ଭାବରେ ବଜାର କରିବା ଆବଶ୍ୟକ। ଘରୋଇ କ୍ଷେତ୍ରକୁ ଗବେଷଣା, ବିକାଶ, ଗୁଣବତ୍ତା ମାନଦଣ୍ଡ ଏବଂ କର୍ମଚାରୀ ଦକ୍ଷତାରେ ନିବେଶ କରି ଏହି ପ୍ରୟାସଗୁଡ଼ିକୁ ପୂରଣ କରିବା ଉଚିତ।

**ମୁଦ୍ରା ନୀତି ମଧ୍ୟ ପ୍ରଭାବକୁ ହ୍ରାସ କରିପାରିବ**
ଆର୍ଥିକ ବର୍ଷ ୨୬ ରେ ମୁଦ୍ରାସ୍ଫୀତି ୨.୮% ହେବ ବୋଲି ଆକଳନ କରାଯାଇଛି, ଯାହା ଭାରତୀୟ ରିଜର୍ଭ ବ୍ୟାଙ୍କର ୪% ଲକ୍ଷ୍ୟଠାରୁ କମ୍, ବର୍ଷ ଶେଷ ସୁଦ୍ଧା ୦.୫ ପଏଣ୍ଟ ହାର, ୫% କୁ ହ୍ରାସ କଲେ ଅଭିବୃଦ୍ଧିକୁ ସମର୍ଥନ ମିଳିପାରେ।








ଆମେରିକାର ଟାରିଫ୍ ଭାରତ ପାଇଁ ନିକଟକାଳୀନ ଚ୍ୟାଲେଞ୍ଜ ସୃଷ୍ଟି କରୁଛି, ଜିଡିପି ଅଭିବୃଦ୍ଧିକୁ ହ୍ରାସ କରୁଛି ଏବଂ ଏସ୍.ଏମ୍.ଇଜ୍. ଉପରେ ଚାପ ପକାଇବ। ତଥାପି ଏଗୁଡ଼ିକ ଏକ ରଣନୈତିକ ଖୋଲାଖୋଲି ସୁଯୋଗ ମଧ୍ୟ ପ୍ରଦାନ କରେ। ଏକ ସୂକ୍ଷ୍ମ ଆଲୋଚନା ରଣନୀତି ଗ୍ରହଣ କରି, ବାଣିଜ୍ୟ ପ୍ରବାହ ପରିବର୍ତ୍ତନରେ ସୁଯୋଗ ହାସଲ କରି ଏବଂ ଦୃଢ଼ ନୀତି କାର୍ଯ୍ୟକାରୀ କରି, ଭାରତ କ୍ଷତିକୁ ହ୍ରାସ କରିପାରିବ ଏବଂ ଏହାର ବିଶ୍ୱ ସ୍ଥିତିକୁ ବୃଦ୍ଧି କରିପାରିବ। ଟାରିଫ୍ କେବଳ ପ୍ରତିବନ୍ଧକ ନୁହେଁ - ଯଦି ଦୂରଦୃଷ୍ଟି ସହିତ ବିଚାର କରାଯାଏ ତେବେ ଏହା ପରିବର୍ତ୍ତନର ଉପକରଣ। ଦୀର୍ଘ ଖେଳ ଖେଳି, ଭାରତ ଏହି ବାଣିଜ୍ୟ ଅସ୍ଥିରତାରୁ ଅଧିକ ଶକ୍ତିଶାଳୀ ହୋଇ ଏହାର ଅର୍ଥନୈତିକ ଭୂମିକାକୁ ସଠିକତା ଏବଂ ମହତ୍ତ୍ୱାକାଂକ୍ଷା ସହିତ ପୁନଃଆକୃତି ଦେଇପାରିବ। ■

ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାସ୍ ଆଣ୍ଡ ପଲିସୀ
୧୮/୨ – ସତସଙ୍ଗ ବିହାର ମାର୍ଗ, ଜେଏନ୍‌ୟୁ ପୂର୍ବ ଗେଟ୍ ନିକଟ, ନୂଆଦିଲ୍ଲୀ
ମୋ: ୯୬୫୦୮୬୯୨୧୪




# ଟ୍ରମ୍ପଙ୍କ ଶୁଳ୍କ ନୀତିର ପ୍ରଭାବ



ଅମରେନ୍ଦ୍ର ଦାସ

ମୁକ୍ତ ଓ ଅବାଧ ବାଣିଜ୍ୟର ସ୍ଲୋଗାନ ଦେଉଥିବା ଆମେରିକା ବର୍ତ୍ତମାନ ସାରା ବିଶ୍ୱ ବଜାରରେ ତାଣ୍ଡବ ସୃଷ୍ଟି କରିଛି । ଘଡ଼ିକେ ଘୋଡ଼ା ଛୁଟିଲା ଭଳି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଥରକୁ ଥର ବିଭିନ୍ନ ଆମଦାନି ଶୁଳ୍କନୀତି ଘୋଷଣା କରୁଛନ୍ତି । ଯାହାକି ବିଶ୍ୱ ବାଣିଜ୍ୟ ଜଗତରେ ହାହାକାର ସୃଷ୍ଟି କରିଛି । ଡୋନାଲ୍ଡ ଟ୍ରମ୍ପଙ୍କ ଏହିପରି ନୀତିକୁ ଅନେକ ବୁଦ୍ଧିଜୀବୀ ବାଣିଜ୍ୟ ଉଗ୍ରବାଦ ବୋଲି କହିଲେଣି । ରଷିଆଠାରୁ ଭାରତ ତୈଳ ଆମଦାନୀ କରୁଥିବା ବାହାନା ନେଇ ରାଷ୍ଟ୍ରପତି ଟ୍ରମ୍ପ ଭାରତ ଉପରେ ୫୦% ଆମଦାନି ଶୁଳ୍କ ଲାଗୁ କରିବା ପାଇଁ ଘୋଷଣା କରିଛନ୍ତି । ଏହି ଘୋଷଣା ଭାରତର ନୀତି ନିର୍ଦ୍ଦେଶକ, ଉଦ୍ୟୋଗ ମହଲ ଓ ଅର୍ଥନୀତି ବିଶାରଦମାନଙ୍କ ମଧ୍ୟରେ ଚିନ୍ତା ବୃଦ୍ଧି କରିଛି । ଟ୍ରମ୍ପ ଭାରତକୁ ଏକ ଭଲ ବାଣିଜ୍ୟିକ ବନ୍ଧୁ ନୁହେଁ ବୋଲି ମତ ଉପସ୍ଥାପନ କରୁଛନ୍ତି । ଭାରତ ଓ ରୁଷିଆ ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ଆକ୍ଷେପ କରି ଉଭୟ ଅର୍ଥନୀତି ଉପରେ କଟୁ ମନ୍ତବ୍ୟ ପ୍ରଦାନ କରିଛନ୍ତି । ଉଭୟ ଭାରତ ଓ ରୁଷିଆର ଅର୍ଥନୀତିକୁ ମୃତ ଅର୍ଥନୀତି ବୋଲି ସମାଲୋଚନା କରିଛନ୍ତି ।

## ଟ୍ରମ୍ପଙ୍କ ରାଜନୈତିକ ଚାଲ

ଡୋନାଲ୍ଡ ଟ୍ରମ୍ପଙ୍କ ବାରମ୍ବାର ମତ ପରିବର୍ତ୍ତନ ତାଙ୍କର ବାଚାଳାମିକୁ ପରିପ୍ରକାଶ କରିବ ସହ ନିଜର ନୀତିଗତ ଦ୍ୱନ୍ଦ୍ୱକୁ ପ୍ରତିଫଳିତ କରୁଛନ୍ତି । ୨୦୧୦ ମସିହା ପରଠାରୁ ଆମେରିକାର ଅର୍ଥନୈତିକ ଅଭିବୃଦ୍ଧି ହାର ତିନି ପ୍ରତିଶତ ପାର କରିପାରିନାହିଁ । ତା' ସହିତ ବେକାରୀ ସମସ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ୨୦୨୩ ମସିହା ପରଠାରୁ ଏହା ବୃଦ୍ଧି ପାଇବାରେ ଲାଗିଛି । ଏହା ହୁଏତ ଟ୍ରମ୍ପଙ୍କର ମାନସିକ ବିକୃତିର କାରଣ ହୋଇପାରେ । ଆମେରିକାର ବାଣିଜ୍ୟିକ ନିଅଣ୍ଟ ଜାତୀୟ ମୋଟ ଉତ୍ପାଦର ୪. ୨ ପ୍ରତିଶତ ରହିଥିବା ବେଳେ ଭାରତର ପ୍ରାୟ ୧.୨ ପ୍ରତିଶତ ରହିଛି । ଅବଶ୍ୟ ଆମେରିକା ନିଜ ମୁଦ୍ରାରେ ବିଶ୍ୱ ବାଣିଜ୍ୟ କରିପାରୁଥିବାରୁ ଏହା ସମ୍ଭବ ହୋଇ ପାରିଛି । ଆମେରିକା ସରକାର ଯେପରି ଭାବରେ ଅଚାନକ ୫୦% ଟାରିଫ୍ ଲାଗୁ ପାଇଁ ଘୋଷଣା କରିଛି, ଏହା ତାଙ୍କ ବାଣିଜ୍ୟ ନିଅଣ୍ଟ କମାଇବାକୁ ଏକ କଠୋର ଉପାୟ ଭାବେ ଦେଖାଯାଉଛି । ଏହି ପଦକ୍ଷେପ ରାଜନୈତିକ ଚାଲ ଭାବେ ମଧ୍ୟ ଦେଖାଯାଉଛି, ଯାହା ଘରୋଇ ଶ୍ରମ ବଜାର ରକ୍ଷା ଓ ବାହାର ଦେଶ ଉପର ନିର୍ଭରତା ହ୍ରାସ କରିବାକୁ ଲକ୍ଷ୍ୟ କରିଛି ।

## ବାଣିଜ୍ୟିକ ସଂପର୍କ

ଆମେରିକା ଭାରତୀୟ ଉତ୍ପାଦ ପାଇଁ ସବୁଠୁ ବଡ଼ ବଜାର ଥିବାରୁ ଏହି ପ୍ରକାର ଏକ ଅସଧାରଣ ଆମଦାନି ଶୁଳ୍କ ବା ଟାରିଫ୍ ଆମଦାନି ରପ୍ତାନି ବ୍ୟବସ୍ଥାକୁ ବିକ୍ଷିପ୍ତ କରିପାରେ । ଭାରତର ରପ୍ତାନି ପ୍ରଭାବିତ ହେଲେ ଆମ ଦେଶରେ ଦ୍ରବ୍ୟ ଉତ୍ପାଦନ, ନିଯୁକ୍ତି, ବିଦେଶ ମୁଦ୍ରା ଆୟ ଓ ବାଣିଜ୍ୟ ମନୋଭାବ ଉପରେ ଆଘାତ ହୋଇପାରେ । ଟ୍ରମ୍ପଙ୍କର ମାତ୍ରାଧିକ ଆମଦାନି ଶୁଳ୍କ ଭାରତୀୟ ବାଣିଜ୍ୟକୁ କିପରି ପ୍ରଭାବିତ କରିବ ବୁଝିବାକୁ ହେଲେ ଆମକୁ ପ୍ରଥମେ ଉଭୟ ଦେଶ ମଧ୍ୟରେ ଥିବା ବାଣିଜ୍ୟ ସମ୍ପର୍କକୁ ବୁଝିବାକୁ ହେବ ।

୨୦୨୪-୨୫ ଆର୍ଥିକ ବର୍ଷରେ, ଭାରତ ଆମେରିକାକୁ ୭.୩୩ ଲକ୍ଷ କୋଟି ଟଙ୍କାର ଉତ୍ପାଦ ରପ୍ତାନି କରିଥିଲା ଓ ଆମେରିକାରୁ ୩.୮୩ ଲକ୍ଷ କୋଟି ଟଙ୍କାର ଆମଦାନି କରିଥିଲା । ଏହା ଭାରତ ପାଇଁ ୩.୫ ଲକ୍ଷ କୋଟି ଟଙ୍କାର ବଳକା ବାଣିଜ୍ୟ ଉତ୍ପନ୍ନ କରିଥିଲା, ଯାହା ଭାରତର ମଜଭୁତ ରପ୍ତାନି କ୍ଷମତାକୁ ପ୍ରତିଫଳିତ କରେ । ଏହି ସମୟରେ ଭାରତର ଆମେରିକାକୁ ରପ୍ତାନି ବୃଦ୍ଧି ହେଉଛି ୧୪.୨୦% ଓ ଆମଦାନି ବୃଦ୍ଧି ହେଉଛି ୯.୬୭%, ଯାହା ଭାରତୀୟ ଉତ୍ପାଦ ପାଇଁ ବିଶେଷ ଚାହିଦାକୁ ଦର୍ଶାଏ । ୨୦୨୫–୨୬ ଆର୍ଥିକ ବର୍ଷର ପ୍ରଥମ ଦୁଇ ତ୍ରୈମାସିକ ତଥ୍ୟ ଅନୁଯାୟୀ, ଭାରତର ଆମେରିକାକୁ ରପ୍ତାନି ପରିମାଣ ୧.୪୭ ଲକ୍ଷ କୋଟି ଟଙ୍କାକୁ ଛୁଇଁଛି, ଯେଉଁଠାରେ ଆମଦାନି ରହିଛି ୭୫,୭୫୬ କୋଟି ଟଙ୍କା । ଏହା ଏକ ସକ୍ରିୟ ଦିଗରେ ବାଣିଜ୍ୟ ବୃଦ୍ଧି ବା ଦ୍ୱିପକ୍ଷୀୟ ଆର୍ଥିକ ନିର୍ଭରତା ବଢ଼ିବାର ସୂଚନା ଦିଏ ।

ଭାରତ ଆମେରିକାକୁ ଯେଉଁସବୁ ବସ୍ତୁ ରପ୍ତାନି କରେ, ସେଗୁଡ଼ିକରେ ଅନେକ ପ୍ରମୁଖ ଉତ୍ପାଦ ଅଛି – ବସ୍ତ୍ର (୯୦,୨୮୨ କୋଟି ଟଙ୍କା), ସଫ୍ଟୱେର ଓ ଇଞ୍ଜିନିୟରିଂ ଉତ୍ପାଦ ( ୮୫ ,୧୫୮ କୋଟି ଟଙ୍କା), ଔଷଧ ( ୮୨,୦୮୯ କୋଟି ଟଙ୍କା), ଇଞ୍ଜିନିୟରିଂ ଉପାଦାନ (୬୩ ,୨୫୦ କୋଟି ଟଙ୍କା), ଗହଣା ଓ ରତ୍ନ ( ୩୯,୨୩୧ କୋଟି ଟଙ୍କା), କୃଷି ଉତ୍ପାଦ ( ୨୯ ,୦୧୩ କୋଟି ଟଙ୍କା) ଓ ଚମଡ଼ା ଦ୍ରବ୍ୟ (୮,୭୨୩ କୋଟି ଟଙ୍କା) । ଭାରତର ରପ୍ତାନି ଏବେ ବିପରୀତ ଦିଗକୁ ମୁହାଁଉଛି ।



ସକାଳ ସିନ୍ଦୂର

ରବିବାର,
୧୦-୧୬ ଅଗଷ୍ଟ, ୨୦୨୫






## ଟାରିଫ୍ ବୃଦ୍ଧିର ପ୍ରଭାବ

ଆମେରିକାର ଉଚ୍ଚ ଟାରିଫ୍ ନିଜ ରାଷ୍ଟ୍ରର ଉପଭୋକ୍ତାଙ୍କ ପାଇଁ ମୂଲ୍ୟ ବୃଦ୍ଧିର କାରଣ ହୋଇପାରେ । ବସ୍ତ୍ର, ଗାଡ଼ି ଉପାଦାନ, ଔଷଧ ଓ ଗହଣା ଭଳି ସଂବେଦନଶୀଳ ବସ୍ତୁର ମୂଲ୍ୟ ବଢ଼ିବାରୁ ଚାହିଦା କମିପାରେ । ଅନ୍ୟ ଭାବରେ ଆମେରିକାର ଆମଦାନିକାରୀମାନେ ଭାରତୀୟ ବଜାରରୁ ଦ୍ରବ୍ୟ ଆମଦାନି ନକରି ଅନ୍ୟ ରାଷ୍ଟ୍ରରୁ ଦ୍ରବ୍ୟ ଆମଦାନି କରିପାରନ୍ତି । ଏହାର ପ୍ରଭାବରେ ଭାରତୀୟ ଉତ୍ପାଦକମାନେ ବିପର୍ଯ୍ୟସ୍ତ ହେବେ, ଉତ୍ପାଦନ କମିବ, ରପ୍ତାନି ବିଳମ୍ବ ହେବ ଓ ଲାଭ କମିପାରେ । ନୂଆ ଦ୍ରବ୍ୟ ଆମଦାନୀ ପାଇଁ ବରାଦ ବ୍ୟାପକ ହ୍ରାସ ହୋଇପାରେ ।

ଲକ୍ଷାଧିକ ଲୋକଙ୍କୁ ଚାକିରି ଦେଇଥିବା ରପ୍ତାନି ଆଧାରିତ ଶିଳ୍ପ ଯଥା ବସ୍ତ୍ର, ହ୍ୟାଣ୍ଡିକ୍ରାଫ୍ଟ, ଚମଡ଼ା ଓ ଆଇଟି ସେବା କ୍ଷେତ୍ରରେ ଚାକିରି ବା ନିଯୁକ୍ତି ହ୍ରାସ ହେବାର ଆଶଙ୍କା ରହିଛି । ତିରୁପୁର, ସୁରତ, ଲୁଧିଆନା ଓ ପୁଣେ ଭଳି ରପ୍ତାନି କେନ୍ଦ୍ର ଅତ୍ୟଧିକ କ୍ଷତି ସହିବାର ସମ୍ଭାବନା ରହିଛି । ରପ୍ତାନି ହ୍ରାସ ହେଲେ ବିଦେଶ ମୁଦ୍ରା ଆୟ ଓ ବାଲାନ୍ସ ଅଫ୍ ପେମେଣ୍ଟ ଉପରେ କୁପ୍ରଭାବ ପଡ଼ିବ । ଏହା ଆର୍ଥିକ ନିବେଶ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇପାରେ ।

ଉଭୟ ଭାରତ ଓ ଆମେରିକା ବିଗତ ବର୍ଷମାନଙ୍କରେ ତାଙ୍କର ଟାରିଫ୍ ହାର କମାଇଥିଲେ, ଯାହା ବିଶ୍ୱ ବାଣିଜ୍ୟ ସହ ଅଧିକ ସମନ୍ୱୟ ଲାଗି ଉଦ୍ୟମକୁ ସୂଚିତ କରିଥିଲା । ଏହି ପରିସ୍ଥିତିରେ ଆଉ ଥରେ ଆମେରିକା ରକ୍ଷଣଶୀଳ ଆଭିମୁଖ୍ୟ ନେବା ଅପ୍ରତ୍ୟାଶିତ ଓ ଆନ୍ତର୍ଜାତିକ ବାଣିଜ୍ୟ ନୀତିରେ ଅସ୍ଥିରତା ନେଇ ଆସିପାରେ । ଏହି ଟାରିଫ୍ ବୃଦ୍ଧି ଏପରି ଏକ ସମୟରେ ହେଉଛି ଯେଉଁ ସମୟରେ ଭାରତ ଓ ଆମେରିକା ଦୁହେଁ ଏହି ଦଶକରେ ତାଙ୍କର ହାରାହାରି ଟାରିଫ୍ ହାର କ୍ରମାଗତ ଭାବେ କମାଇଥିଲେ । ୨୦୧୯ ମସିହାରେ ଭାରତର ହାରାହାରି ଟାରିଫ୍ ୬.୫୯% ଥିଲା, ଯାହା ୨୦୨୨ ମସିହାରେ ହ୍ରାସ ପାଇ ୪.୫୯ % ରେ ପହଞ୍ଚି ଥିଲା । ଆମେରିକା ମଧ୍ୟ ହାରାହାରି ଟାରିଫ୍ ୨୦୧୯ ମସିହାରେ ୧୩.୭୮%ରୁ ୨୦୨୨ ମସିହାରେ ୧.୪୯%କୁ ହ୍ରାସ କରିଥିଲା । ଯଦିଓ ଭାରତର ହାରାହାରି ଆମଦାନି ଶୁଳ୍କ ଆମେରିକାଠାରୁ ଅଧିକ ରହିଛି ଉଭୟ ରାଷ୍ଟ୍ରର ବିକାଶ ସ୍ତର ସହ ତୁଳନା କଲେ ହାରାହାରି ଆମଦାନି ଶୁଳ୍କ ପ୍ରାୟତଃ ସଠିକ ଜଣା ପଡୁଛି । ଏକ ବିକାଶମୁଖୀ ରାଷ୍ଟ୍ର ଭାବରେ ଭାରତ ନିଜର କୃଷି କ୍ଷେତ୍ର ଏବଂ ଅଣସଂଗଠିତ କ୍ଷେତ୍ରରେ ନିଯୁକ୍ତ ଥିବା ଉଦ୍ୟୋଗୀ ଓ ଶ୍ରମିକମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଯୁକ୍ତିଯୁକ୍ତ ଅଟେ ।

## ଭାରତ ଉପରେ ପ୍ରଭାବ



ଭାରତର ଅନେକ ରପ୍ତାନି କ୍ଷେତ୍ର ପରିବର୍ତ୍ତିତ ଶୁଳ୍କର ପ୍ରଭାବ ଅନୁଭବ କରିପାରନ୍ତି । ତାଲିକାରେ ଶୀର୍ଷରେ ଅଛି ଔଷଧ ଶିଳ୍ପ, ଯାହା ଆମେରିକାକୁ ସବୁଠୁ ଅଧିକ ଜେନେରିକ୍ ଔଷଧ ରପ୍ତାନି କରେ । ଟାରିଫ୍ ବୃଦ୍ଧି ଫଳରେ, ମୂଲ୍ୟ ସଂବେଦନଶୀଳ ବିଭିନ୍ନ କ୍ଷେତ୍ରରେ ବିକ୍ରୟ କମିପାରେ, ବିଶେଷ କରି ଏହି ଔଷଧ ବ୍ୟବହାର କରୁଥିବା ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ କମ୍ ଆୟ ଗୋଷ୍ଠୀ । ବସ୍ତ୍ର ଓ ପୋଷାକ କ୍ଷେତ୍ର ଯେଉଁଥିରେ ଲାଭର ବ୍ୟବଧାନ ଖୁବ୍ କମ୍, ସେଠାରେ ମଧ୍ୟ ଅଧିକ ପ୍ରଭାବ ପଡ଼ିପାରେ । ୨୦୨୪ –୨୫ ରେ ଭାରତ ପ୍ରାୟ ୯୦,୨୮୨ କୋଟି ଟଙ୍କା ମୂଲ୍ୟର ପୋଷାକ ଆମେରିକାକୁ ରପ୍ତାନି କରିଥିଲା । ଆମଦାନି ଶୁଳ୍କ ବୃଦ୍ଧି ଯୋଗୁଁ ଆମେରିକୀୟ ବ୍ୟବସାୟୀମାନେ ବିକଳ୍ପ ଭାବେ ବାଂଲାଦେଶ, ଭିଏତନାମ୍ ଓ ଲାଟିନ୍ ଆମେରିକା ଆଡ଼କୁ ଦୃଷ୍ଟି ଦେଇପାରନ୍ତି । ଗହଣା ଓ ରତ୍ନ କ୍ଷେତ୍ର ଯେଉଁଥିରେ ଆମେରିକା ଏକ ପ୍ରମୁଖ ଆମଦାନିକାରୀ, ଟାରିଫ୍ ବୃଦ୍ଧି ଦ୍ୱାରା ଏହି ଲଗ୍‌ଜୁରି ଉତ୍ପାଦ ଉପରେ ଚାହିଦା କମିପାରେ । ଇଞ୍ଜିନିୟରିଂ ଓ ଅଟୋ କମ୍ପୋନେଣ୍ଟ କ୍ଷେତ୍ର, ଯେଉଁଥିରେ ସଠିକ୍ ସମୟରେ ପହଞ୍ଚାଇବା ଓ ଦାମ ହିଁ ପ୍ରଧାନ ବାଣିଜ୍ୟ ନିର୍ଦ୍ଧାରକ, ଏହି ନୂତନ ଟାରିଫ୍ ବଡ଼ ଅସୁବିଧା ନେଇ ଆସିପାରେ ।

ଏହା ନିଶ୍ଚିତ ଯେ ଭାରତ ଆମେରିକାର ଚାପରେ ଆସିବାର ଦେଶ ନୁହେଁ । ଆମେରିକାର ପାକିସ୍ତାନ ପ୍ରତି ଦୋମୁହାଁ ନୀତି ଭାରତକୁ ସର୍ବଦା ଚିନ୍ତାରେ ପକାଇଛି । ଅନ୍ୟ ପକ୍ଷରେ ରୁଷିଆ ଭାରତ ପୁରୁଣା ଏବଂ ଭରସା ଯୁକ୍ତମିତ୍ର ଭାବରେ ସର୍ବଦା ରହି ଆସିଛି । ରାଷ୍ଟ୍ରପତି ଟ୍ରମ୍ପଙ୍କ ଦୋଳାୟମାନ ବାଣିଜ୍ୟିକ ନୀତି ଫଳରେ ଭାରତ ଓ ରୁଷିଆ ମଧ୍ୟରେ ମିତ୍ରତା ଆହୁରି ସୁଦୃଢ଼ ହେବ ଏବଂ ଆମେରିକା ସହ ମିତ୍ରତା କିଛି ମାତ୍ରାରେ ପ୍ରଭାବିତ ହେବ । ଏହି ଅସ୍ଥିର ପରିସ୍ଥିତି ମଧ୍ୟରେ ଭାରତ ପାଖରେ କେତେକ ରଣନୀତିକ ବିକଳ୍ପ ଅଛି । ଏକ ଗୁରୁତ୍ୱପୂର୍ଣ୍ଣ ଉପାୟ ହେଉଛି ଦ୍ୱିପାକ୍ଷିକ ଆଲୋଚନା ବଢ଼ାଇବା । ଭାରତ-ଆମେରିକା ବାଣିଜ୍ୟ ନୀତି ଫୋରମ୍ (India-US Trade Policy Forum (TPF) ଓ QUAD ଭଳି ମଞ୍ଚ ମାଧ୍ୟମରେ ଭାରତ ଏହି ଟାରିଫ୍ ବିଷୟରେ କୂଟନୈତିକ ଆଲୋଚନା କରିପାରିବ ଓ ଦ୍ୱିପାକ୍ଷିକ- ରାଜନୈତିକ ଆଲୋଚନା ମାଧ୍ୟମରେ କିଛି କ୍ଷେତ୍ର ପାଇଁ କୋହଳ ଶୁଳ୍କ ନୀତି ଦାବି କରିପାରିବ । ଏହି ସମୟରେ ଭାରତକୁ ଆତ୍ମନିର୍ଭରତା ବୃଦ୍ଧି କରିବା ସହିତ ନୂତନ ବଜାରରେ ପ୍ରବେଶ କରିବା ପାଇଁ ଉଦ୍ୟମ କରିବାକୁ ପଡ଼ିବ । ଆଫ୍ରିକା, ଦକ୍ଷିଣ ପୂର୍ବ ଏସିଆ, ଲାଟିନ୍ ଆମେରିକା ଓ ମଧ୍ୟ ପୂର୍ବ ଦେଶଗୁଡ଼ିକରେ ବାଣିଜ୍ୟ ବୃଦ୍ଧି ପାଇଁ ଉଦ୍ୟମ କରିବାକୁ ପଡ଼ିବ । ଟ୍ରେଡ୍ ମିଶନ୍, ଟାରିଫ୍-ଫ୍ରି ଚୁକ୍ତି, ଓ ଏକ୍ସପୋର୍ଟ କ୍ରେଡିଟ୍ ସହଯୋଗ ମାଧ୍ୟମରେ ଏହି ଧାରାକୁ ତୀବ୍ର କରିପାରିବ ।

## ଭାରତ ପାଇଁ ସତର୍କତା

ଭାରତ ଆମେରିକାରୁ ଯେଉଁ ଉତ୍ପାଦ ଆମଦାନି କରେ – ଅଶୋଧିତ ତୈଳ, କୋଇଲା, ବିମାନ ଓ ଉଚ୍ଚ ପ୍ରଯୁକ୍ତି ଉପକରଣ – ଏହା ଉପରେ ପୁନଃ ଅନୁଧ୍ୟାନ ଆବଶ୍ୟକ ରହିଛି । ଯଦି ଆମେରିକା ଆର୍ଥିକ ନୀତିକୁ ରାଜନୈତିକ ହସ୍ତକ୍ଷେପରେ ବଦଳାଇବାରେ ଲାଗିଛି, ତେବେ ଭାରତ ରୁଷ, ବ୍ରାଜିଲ୍, ୟୁଏଇ ବା ଦକ୍ଷିଣ ପୂର୍ବ ଏସିଆରୁ ବିକଳ୍ପ ଖୋଜିପାରେ ।

ଭାରତ ସରକାର ଓ ରାଜ୍ୟ ସରକାରମାନଙ୍କୁ ମିଶି ଆତ୍ମନିର୍ଭର ଭାରତ ଅଭିଯାନ ଦିଗରେ ମିଳିତ ପଦକ୍ଷେପ ନେବାକୁ ହେବ । କେନ୍ଦ୍ର ସରକାରଙ୍କ ତରଫରୁ ଉତ୍ପାଦନ ଓ ନିଯୁକ୍ତି ସଂଲଗ୍ନ ଅନେକ ଫାଇଦା ଶିଳ୍ପମାନଙ୍କୁ ଦେଉଛନ୍ତି । ମୁଦ୍ରା ଯୋଜନା ମାଧ୍ୟମରେ ବନ୍ଧକ ବିହୀନ ଋଣ ପ୍ରଦାନ କରି ଉତ୍ପାଦନ କ୍ଷେତ୍ରକୁ ସୁଦୃଢ଼ କରୁଛନ୍ତି । ଯଦିଓ ଟ୍ରମ୍ପଙ୍କ ଟାରିଫ୍ ଭାରତ ପାଇଁ ଏକ ଝଟ୍‌କା ଭାବରେ ଅନୁଭବ ହୋଇପାରେ, ଏହା ଭାରତ ପାଇଁ ଏକ ଜାଗୃତିର ସମୟ । ଏହି ସମୟରେ ଭାରତର ପ୍ରାଥମିକତା ହେଉଛି ଏକ ଦୃଢ଼ ଓ ନିର୍ଭର ରପ୍ତାନି ବ୍ୟବସ୍ଥା ଗଠନ କରିବା । ଗୋଟିଏ ଦେଶ ଉପରେ ଅଧିକ ନିର୍ଭରତା ହ୍ରାସ କରି, ଅନ୍ୟ ରାଷ୍ଟ୍ରଗୁଡ଼ିକ ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ଚୁକ୍ତି କରିବା ସହ ଦ୍ରବ୍ୟର ଗୁଣବତ୍ତା ବୃଦ୍ଧି ଦ୍ୱାରା ରପ୍ତାନି କ୍ଷେତ୍ରରେ ଉନ୍ନତି ଅଣାଯାଇ ପାରିବ ।

ରାଜନୈତିକ ଭିତ୍ତିରେ ନିଆଯାଇଥିବା ଟାରିଫ୍ ନୀତି ଭାରତକୁ ମନେ ପକାଇଦେଉଛି ଯେ ରାଷ୍ଟ୍ରବାଦ ଓ ସୁରକ୍ଷା ଆର୍ଥିକ ଆଭିମୁଖ୍ୟ ତାଲିକାରେ ସର୍ବଦା



ରହିଛି । ଭବିଷ୍ୟତ ବାଣିଜ୍ୟ ନୀତି ଏହି ବିଶ୍ୱ ରାଜନୈତିକ ପରିବେଶକୁ ଧ୍ୟାନ ଦେଇ ଗଠନ ହେବା ଦରକାର । ପରିଶେଷରେ ଦେଖିବାକୁ ମିଳେ ଯେ, ଏହି ଟାରିଫ୍ ଭାରତ ପାଇଁ କେବଳ ଏକ ଅସ୍ଥାୟୀ ଅବସ୍ଥା ନୁହେଁ, ଏହା ଏକ ଅଗ୍ନି ପରୀକ୍ଷା । ଭାରତର ଅର୍ଥନୈତିକ ପ୍ରଜ୍ଞା, କୂଟନୀତିକ ଚତୁରତା ଓ ଶିଳ୍ପୀୟ ଦୃଢ଼ତାର ପରୀକ୍ଷା । ଭାରତ ଏହାର ସଠିକ୍ ଉତ୍ତର ଦେବ । ଭାରତ ନ୍ୟାୟ ସଙ୍ଗତ ବାଣିଜ୍ୟ ନୀତି ସହିତ, ବିଶ୍ୱ ମାନଚିତ୍ରରେ ନିଜର ଉପସ୍ଥିତି ବଢ଼ାଇବା ଓ ଶିଳ୍ପ ଶକ୍ତିକୁ ମଜବୁତ କରିବା ଦ୍ୱାରା ଏହି ସମସ୍ୟାକୁ ଏକ ସୁଯୋଗରେ ପରିଣତ କରିପାରିବ । ■

ଆସୋସିଏଟ୍ ପ୍ରଫେସର
ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର



# ବନ୍ଧୁ ପାଲଟିଲା ବଇରୀ

ସାରା ବିଶ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନେଇ ଚର୍ଚ୍ଚା ହେଉଛି । ଏହି ଚର୍ଚ୍ଚାରେ କେନ୍ଦ୍ରରେ ରହିଛି ଡୋନାଲ୍ଡ ଟ୍ରମ୍ପଙ୍କ ପରିବର୍ତ୍ତିତ ଆଭିମୁଖ୍ୟ । ପ୍ରଥମ କାର୍ଯ୍ୟକାଳରେ ମୋଦୀଙ୍କ ସହ ତାଙ୍କର ଘନିଷ୍ଠ ସମ୍ବନ୍ଧ ରହିଥିଲା । 'ହାଉଡ଼ି ମୋଦୀ' ହେଉ ଅବା 'ନମସ୍ତେ ଟ୍ରମ୍ପ' ଭଳି କାର୍ଯ୍ୟକ୍ରମରେ ଏହାର ଝଲକ୍ ଦେଖିବାକୁ ମିଳିଥିଲା । ଟ୍ରମ୍ପଙ୍କ ପାଇଁ ପ୍ରଚାର କରିବାକୁ ମୋଦୀ ଆମେରିକା ଯାଇଥିଲେ । ଖୋଲାଖୋଲି ଭାବେ 'ଫିର୍ ଏକ ବାର୍ ଟ୍ରମ୍ପ ସରକାର' ବୋଲି କହିଥିଲେ । କିନ୍ତୁ ଦୁର୍ଭାଗ୍ୟରୁ ଟ୍ରମ୍ପ ଏହି ନିର୍ବାଚନ ହାରି ଯାଇଥିଲେ । ସେ ପୁଣି ଦ୍ୱିତୀୟ ଥର ପାଇଁ ପ୍ରାର୍ଥୀ ହୋଇଥିଲେ । ଟ୍ରମ୍ପ ନିର୍ବାଚନ ଜିତିବା ପରେ ଭାରତୀୟ ଅଧିକ ଖୁସି ହୋଇଥିଲେ । ଟ୍ରମ୍ପ ଏବଂ ମୋଦୀଙ୍କ ଯୋଡ଼ି କମାଲ କରିବ ବୋଲି ଭାବିଥିଲେ । କିନ୍ତୁ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରେ ଟ୍ରମ୍ପଙ୍କ ନୀତି ବଦଳି ଯାଇଥିଲା ।

**ସରୋଜ କୁମାର ଓତା, ଭୁବନେଶ୍ୱର**


## ଭାରତ ବିରୋଧୀ ଆଭିମୁଖ୍ୟ

ଆମେରିକା ରାଷ୍ଟ୍ରପତି ଭାବେ ଦ୍ୱିତୀୟ ଥର ନିର୍ବାଚିତ ହେବା ପରଠାରୁ ଡୋନାଲଡ୍ ଟ୍ରମ୍ପ ଭାରତ ବିରୋଧୀ ଆଭିମୁଖ୍ୟ ରଖିଥିଲେ । ସେ କ୍ରମାଗତ ଭାବେ ଭାରତ ଏବଂ ମୋଦୀଙ୍କ ନେତୃତ୍ୱକୁ ନ୍ୟୂନ ଦେଖାଇବାରେ ଲାଗିଥିଲେ । ପ୍ରଥମେ ବେଆଇନ ପ୍ରବାସୀଙ୍କୁ ଦେଶରୁ ବାହାର କରିବାକୁ ନେଇ ଟ୍ରମ୍ପଙ୍କ ଭାରତ ବିରୋଧୀ ଆଭିମୁଖ୍ୟର ଝଲକ ଦେଖିବାକୁ ମିଳିଥିଲା । ସେ ନିଜ ଯୋଜନା ଅଧୀନରେ ସବୁ ଦେଶର ବେଆଇନ ପ୍ରବାସୀଙ୍କୁ ଆମେରିକାରୁ ପଠାଇ ଦେଇଥିଲେ । ମାତ୍ର ବେଆଇନ ଭାବେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ ନିର୍ଯାତନା ଦେଇ ହାତକଡ଼ି ଏବଂ ଶିକୁଳି ପିନ୍ଧାଇ ସେନା ବିମାନରେ ସ୍ୱଦେଶ ପଠାଇ ଥିଲେ । ଏହାର ଭିଡିଓ ଖୋଦ୍ ଆମେରିକା ଅଧିକାରୀ ସେୟାର୍ କରିଥିଲେ । ଏଭଳି ଚିତ୍ର ସାମ୍ନାକୁ ଆସିବା ପରେ କୂଟନୈତିକ ସ୍ତରରେ ଆଲୋଚନା କରାଯାଇଥିଲା ଏବଂ ଆଉ ଏପରି ହେବ ନାହିଁ ବୋଲି ଭାରତ ପକ୍ଷରୁ ଦାବି କରାଯାଇଥିଲା । ମାତ୍ର ଦ୍ୱିତୀୟ ପର୍ଯ୍ୟାୟରେ ବି ସ୍ଥିତି ବଦଳି ନ ଥିଲା । ପୁଣି ଭାରତୀୟଙ୍କ ହାତରେ ଶିକୁଳି ଲଗାଇ ସେନା ଜାହାଜରେ ପଠାଇ ଦିଆଯାଇଥିଲା । ରାଷ୍ଟ୍ରପତି ଭାବେ ଜାନୁଆରୀରେ ଶପଥ ଗ୍ରହଣ କରିବା ଦିନଠାରୁ ଟ୍ରମ୍ପ ନିଜ ନୀତି ସ୍ପଷ୍ଟ କରିଦେଇଥିଲେ । ଏଥର ଭାରତ ପ୍ରତି ଭିନ୍ନ ଆଭିମୁଖ୍ୟ ରହିବ ବୋଲି କହି ଦେଇଥିଲେ ।

## ବଦଳି ଗଲା ବନ୍ଧୁତାର ସ୍ୱର

ଦ୍ୱିତୀୟ କାର୍ଯ୍ୟକାଳରେ ଅଚାନକ ଭାରତ ଏବଂ ମୋଦୀଙ୍କ ପ୍ରତି ଟ୍ରମ୍ପଙ୍କ ଆଭିମୁଖ୍ୟ ବଦଳିବାକୁ ନେଇ ନାନା କଳ୍ପନାଜଳ୍ପନା ହେଉଛି । ବନ୍ଧୁ ହଠାତ୍ କାହିଁକି ବଇରୀ ପାଲଟି ଗଲା ବୋଲି ଚର୍ଚ୍ଚା ହେଉଛି । ଏପରି କ'ଣ ହେଲା ଯେ ବନ୍ଧୁତାର ସ୍ୱର ବଦଳି ଗଲା? ଭାରତ ଉପରେ କେଉଁ ରାଗ ସୁଝାଉଛନ୍ତି ଟ୍ରମ୍ପ? ମୋଦୀଙ୍କୁ କାହିଁକି ବାରମ୍ବାର ନିଶାଣ କରୁଛନ୍ତି? ସେ ପ୍ରଧାନମନ୍ତ୍ରୀଙ୍କଠାରୁ କି ଆଶା ରଖିଛନ୍ତି? ହଠାତ୍ କାହିଁକି ବଢ଼ି ଗଲା ଟ୍ରମ୍ପଙ୍କ ପାକିସ୍ତାନ ପ୍ରୀତି? ଭାରତକୁ ପରିହାସ କରି କାହିଁକି ପାକିସ୍ତାନକୁ କରୁଛନ୍ତି ପ୍ରଶଂସା? କେଉଁ ସ୍ୱାର୍ଥ ହାସଲ କରିବାକୁ ଚାହୁଁଛନ୍ତି ଟ୍ରମ୍ପ? ଏଭଳି ଅନେକ ପ୍ରଶ୍ନ ଉଙ୍କି ମାରୁଛି । ତେବେ ଟ୍ରମ୍ପଙ୍କଠାରେ ଏହି ପରିବର୍ତ୍ତନ ହଠାତ୍ ଆସି ନାହିଁ । ଏହା ପଛରେ ଦେଶ ବିଦେଶର ଅନେକ କାରଣ ରହିଛି । ଟ୍ରମ୍ପ ଯାହା ଚାହୁଁଛନ୍ତି ଭାରତ ତାହା କରୁନାହିଁ । ନୂଆଦିଲ୍ଲୀ ଭିନ୍ନ ଆଭିମୁଖ୍ୟ ପୋଷଣ କରୁଛି । ଏଥିଯୋଗୁଁ ଟ୍ରମ୍ପଙ୍କ ରଣନୀତି ଫିକା ପଡ଼ି ଯାଉଛି ।

ପାକିସ୍ତାନ ମୋହ ଆଉ ଟ୍ରମ୍ପଙ୍କୁ ଭାରତଠାରୁ ଦୂର କରୁନାହିଁ ତ? ଚୀନ୍ ସହ ପାକିସ୍ତାନ ବି ରୁଷକୁ ଅକୁଣ୍ଠ ସମର୍ଥନ ଦେଉନି ତ? ଏହି କାରଣରୁ ଟ୍ରମ୍ପ ଭୀତତ୍ରସ୍ତ ହୋଇଯାଇ ନାହାନ୍ତି ତ? ଗତ କିଛି ଦିନ ହେଲା ଆମେରିକା ଗ୍ରହଣ କରିଥିବା ପଦକ୍ଷେପ କିନ୍ତୁ ଏ ସବୁକୁ ସୂଚାଉଛି । ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିବା ପାକିସ୍ତାନକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରୁ ହଠାତ୍ ୨.୪ ବିଲିୟନ ଡଲାରର ବେଲଆଉଟ୍ ପ୍ୟାକେଜ ମିଳିଗଲା । ଭାରତର ପ୍ରତିବାଦ ସତ୍ତ୍ୱେ ଆମେରିକା ମଧ୍ୟ ଏହାକୁ ବିରୋଧ କଲା ନାହିଁ । ଟ୍ରମ୍ପ ଏହି ପ୍ୟାକେଜକୁ ସମର୍ଥନ କରିଥିଲେ । ଖାଲି ସେତିକି ନୁହେଁ, ଆପଲ୍‌କୁ ଭାରତରେ ଉତ୍ପାଦନ କେନ୍ଦ୍ର ନ ବନାଇବା ପାଇଁ ଟ୍ରମ୍ପ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଭାରତରେ କାରଖାନା ପ୍ରତିଷ୍ଠା କରିବା କାହିଁକି ଜରୁରି ସେ ବିଷୟରେ ଆପଲ୍ ସିଇଓ ଟମ୍ କୁକ୍ ଟ୍ରମ୍ପଙ୍କୁ ବୁଝାଇ ଥିଲେ । ଏହା ପରେ ଆଉ ଟ୍ରମ୍ପ ଏ ବିଷୟରେ ମୁହଁ ଖୋଲି ନ ଥିଲେ ।



## ଆମେରିକାକୁ ସମର୍ଥନ କରୁନି ଭାରତ

ଆମେରିକା ବାରମ୍ବାର ଭାରତକୁ ଚୀନ୍ ଏବଂ ରୁଷ୍ ବିରୋଧରେ ବ୍ୟବହାର କରିବାକୁ ଚାହୁଁଥିଲା । ମାତ୍ର ଭାରତ ଖୋଲାଖୋଲି ଭାବେ ୱାଶିଂଟନକୁ ସମର୍ଥନ ଦେଉ ନ ଥିଲା । ଏସିଆରେ ଚୀନ୍ ଏବଂ ରୁଷ୍‌ର ମୁକାବିଲା ପାଇଁ ଆମେରିକା ଭାରତର ସହଯୋଗ ଚାହୁଁଛି । ମାତ୍ର ଏହି ସ୍ୱାର୍ଥ ସାଧନ ନ ହେବାରୁ ଟ୍ରମ୍ପ ପାକିସ୍ତାନକୁ ପ୍ରାଧାନ୍ୟ ଦେଉଥିବା ଚର୍ଚ୍ଚା ହେଉଛି । ଚୀନ୍ ଏବଂ ରୁଷ୍ ସହ ସମ୍ବନ୍ଧରେ ଭାରତର ସନ୍ତୁଳନ ବଜାୟ ରଖିଛି । ରୁଷ୍-ୟୁକ୍ରେନ ଯୁଦ୍ଧରେ ଭାରତ ନିରପେକ୍ଷ ନୀତି ଅବଲମ୍ବନ କରିଛି । ଆମେରିକାର ଚାପ ସତ୍ତ୍ୱେ ନୂଆଦିଲ୍ଲୀ କେବେ ବି ଆକ୍ରମଣ ପାଇଁ ରୁଷ୍‌କୁ ନିନ୍ଦା କରିନାହିଁ । ଏହାକୁ ଆମେରିକାକୁ ବିଚଳିତ କରିଥିଲା । କାରଣ ଏହା

ବିଶ୍ୱରେ ଆମେରିକାର ପ୍ରଭାବକୁ ସୀମିତ କରି ଦେଇଥିଲା । ରୁଷ୍ ସହ ଭାରତର ଏସ-୪୦୦ ଚୁକ୍ତି ମଧ୍ୟ ଆମେରିକାକୁ ବାଧି ଥିଲା । ଗଲୱାନ ସଂଘର୍ଷ ପରେ ଚୀନ୍ ସହ ସୈନ୍ୟ ପ୍ରତ୍ୟାହାର ଆରମ୍ଭ ହୋଇଥିଲା । ୨୦୨୫ ସୁଦ୍ଧା ଏଲ୍ଏସିରେ ଉତ୍ତେଜନା କମ୍ ହୋଇଥିଲା । ଚୀନ୍ ସହ ଭାରତର ବ୍ୟବସାୟ ୧୨୫ ବିଲିୟନ ଡଲାରରେ ପହଞ୍ଚି ଯାଇଥିଲା । ଏହା ଟ୍ରମ୍ପଙ୍କ ଚୀନ୍ ବିରୋଧୀ ନୀତି ପାଇଁ ଶକ୍ତ ଝଟ୍କା ଥିଲା । ସେହିପରି କ୍ୱାଡ ଏବଂ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ରଣନୀତିରେ ଭାରତ ସହଯୋଗ କରୁ ବୋଲି ଆମେରିକା ଚାହୁଁଛି । କିନ୍ତୁ ଭାରତର ସମାନ ନୀତି ଟ୍ରମ୍ପଙ୍କ ପାଇଁ ଆହ୍ୱାନ ପାଲଟିଛି । ଆମେରିକା ପ୍ରଥମ ନୀତିକୁ ସହଯୋଗୀ ଦେଶଗୁଡ଼ିକ ସମ୍ପୂର୍ଣ୍ଣ ସମର୍ଥନ କରିବେ ବୋଲି ଟ୍ରମ୍ପ ଆଶା ରଖିଛନ୍ତି । ମାତ୍ର ଭାରତର ସ୍ୱତନ୍ତ୍ର ନୀତି ଆମେରିକାର ପ୍ରଭୁତ୍ୱକୁ କମ୍ କରୁଛି ।






## ଆମେରିକାକୁ ପାକିସ୍ତାନର ସମର୍ଥନ

ପୂର୍ବରୁ ପାକିସ୍ତାନକୁ ଆମେରିକା ଅକୁଣ୍ଠ ସମର୍ଥନ ଦେଉଥିଲା । ପାକିସ୍ତାନକୁ ଆତଙ୍କବାଦୀଙ୍କ ଦେଶ ବନାଇବା ପଛରେ ଆମେରିକାର ହାତ ରହିଛି । ସେଠାକାର ବୁଦ୍ଧିଜୀବୀ ମଧ୍ୟ ଏହା ସ୍ୱୀକାର କରୁଛନ୍ତି । ଟ୍ୱିନ୍ ଟାୱାର ଆକ୍ରମଣକୁ ନେଇ ପାକିସ୍ତାନ ସହ ଆମେରିକାର ସମ୍ପର୍କ ଖରାପ ହୋଇ ଯାଇଥିଲା । କିନ୍ତୁ ବିଶ୍ୱର ପରିବର୍ତ୍ତିତ ପରିସ୍ଥିତି ଯୋଗୁଁ ଆମେରିକା ପୁଣିଥରେ ନିଜର ପୁରୁଣା ସହଯୋଗୀ ପାକିସ୍ତାନର ଆବଶ୍ୟକତା ପଡ଼ିଛି । ପାକିସ୍ତାନରେ ରହି ଆମେରିକା ଏକାଧାରରେ ଇରାନ, ଆଫଗାନିସ୍ତାନକୁ ନିୟନ୍ତ୍ରଣ କରିବାକୁ ଚାହୁଁଛି । ଚୀନ୍ ଏବଂ ରୁଷର ତେଲ ଜାଲରୁ ପାକିସ୍ତାନକୁ ବାହାର କରିବାକୁ ଚାହୁଁଛି । କାରଣ କିଛି ବର୍ଷ ହେଲା ଆତଙ୍କବାଦକୁ ସମର୍ଥନ ଦେଉଥିବା



ଇସଲାମାବାଦ ରୁଷ୍ ସହ ବନ୍ଧୁତା ବଢ଼ାଇବାରେ ଲାଗିଛି । ଏହି କାରଣରୁ ଡୋନାଲ୍ଡ ଭାରତର ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରି ପାକିସ୍ତାନକୁ ଖୁସି କରିବାକୁ ପ୍ରୟାସ କରୁଥିବା କୁହାଯାଉଛି । ପାକିସ୍ତାନ ପାଇଁ ବେଲ୍ଆଉଟ୍ ପ୍ୟାକେଜ, ଭାରତ ସହ ଯୁଦ୍ଧବିରତିରେ ମଧ୍ୟସ୍ଥତା ଏହାର ଉଦାହରଣ । ତେବେ ଭାରତ ମଧ୍ୟସ୍ଥତାକୁ ନେଇ ଟ୍ରମ୍ପ କରୁଥିବା ଦାବିକୁ ଖାରଜ କରିଦେଇଛି ।

ପହଲଗାମ ଆକ୍ରମଣ ପରେ ପ୍ରତିଶୋଧ ନେବା ପାଇଁ ଭାରତ 'ଅପରେସନ ସିନ୍ଦୂର' ଆରମ୍ଭ କରି ପାକିସ୍ତାନର ଆତଙ୍କବାଦୀ ଠିକଣାକୁ ନିଶାଣ କରିଥିଲା । ଭାରତର ଏହି କାର୍ଯ୍ୟାନୁଷ୍ଠାନକୁ ଟ୍ରମ୍ପ ଲଜ୍ଜାଜନକ କହିଥିଲେ । କିନ୍ତୁ ସେ ଅସ୍ତ୍ରବିରତିର ଶ୍ରେୟ ନେବାକୁ ପଛାଇ ନ ଥିଲେ । ବାରମ୍ବାର ଅସ୍ତ୍ରବିରତି କରାଇଥିବା ନେଇ ଟ୍ରମ୍ପ ଦାବି କରୁଥିବାବେଳେ ଭାରତର ସରକାର ଏହାକୁ ଖାରଜ କରି ଚାଲିଛନ୍ତି । ଏହା ଟ୍ରମ୍ପଙ୍କୁ ବହୁତ ବାଧିଛି ବୋଲି କୁହାଯାଉଛି । କ୍ଷମତାସୀନ ହେବାର ୨୪ ଘଣ୍ଟା ମଧ୍ୟରେ ରୁଷ-ୟୁକ୍ରେନ ଏବଂ ଇସ୍ରାଏଲ-ହମାସ୍ ଯୁଦ୍ଧ ବନ୍ଦ କରିଦେବାକୁ ଘୋଷଣା କରିଥିବା ଟ୍ରମ୍ପ ଏଥିରେ ବିଫଳ ହୋଇଛନ୍ତି । ଏହାକୁ ନେଇ ସାରା ବିଶ୍ୱରେ ଆମେରିକା ରାଷ୍ଟ୍ରପତିଙ୍କୁ ସମାଲୋଚନା କରାଯାଉଛି । ତେଣୁ ଭାରତ-ପାକିସ୍ତାନ ଯୁଦ୍ଧର ଶ୍ରେୟ ନେଇ ସମର୍ଥକଙ୍କୁ ଟ୍ରମ୍ପ ଖୁସି କରିବାକୁ ଚାହୁଁଛନ୍ତି । ସେ ନିଜକୁ ବିଶ୍ୱର ସବୁଠୁ ପ୍ରଭାବଶାଳୀ ନେତା ଭାବେ ଦେଖାଇବାକୁ ଚାହୁଁଛନ୍ତି । ଅସ୍ତ୍ରବିରତିର ଶ୍ରେୟ ପାକିସ୍ତାନ ଟ୍ରମ୍ପଙ୍କୁ ଦେଇଥିବାବେଳେ ଏହା ପଛରେ କୌଣସି ତୃତୀୟ ରାଷ୍ଟ୍ରର ହାତ ନ ଥିବା ଭାରତ କହିଚାଲିଛି । ଏହା ଆମେରିକା ରାଷ୍ଟ୍ରପତିଙ୍କ ପାଇଁ ଅସହ୍ୟ ପାଲଟି ଯାଇଛି । ଥରେ ଟ୍ରମ୍ପ ମୋଦୀଙ୍କୁ 'ଟଫ୍ ନେଗୋସିଏଟର' କହିଥିଲେ । ଅର୍ଥାତ୍ ମୋଦୀ ତାଙ୍କୁ ଚ୍ୟାଲେଞ୍ଜ ଦେଉଥିଲେ । ଯେଉଁ ଭଳି ଭାବେ ସେ ପାକିସ୍ତାନ ସହ ସଂଘର୍ଷର ଶ୍ରେୟ ନେଉଥିଲେ ସେଥିରୁ ଟ୍ରମ୍ପଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ ବାରି ହୋଇ ପଡୁଥିଲା । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ଙ୍କ ପରି ଭାରତ ମଧ୍ୟ ତାଙ୍କୁ ପ୍ରଶଂସା କରୁ ବୋଲି ଟ୍ରମ୍ପ ଚାହୁଁଥିଲେ । ଅସ୍ତ୍ରବିରତି ପଛରେ ଟ୍ରମ୍ପଙ୍କ କୌଣସି ଭୂମିକା ନ ଥିବା ଭାରତ କହି ଦେଇଥିଲା । ସାଧାରଣତଃ କ୍ଷମତାଶାଳୀ ଲୋକେ ଏଭଳି ଘଟଣାକୁ ନିଜ ପ୍ରତି ଅପମାନ ବୋଲି ଭାବି ଅସନ୍ତୋଷର ବହ୍ନିରେ ଜଳିଥାନ୍ତି ।

ଭାରତ ପ୍ରତିରକ୍ଷା ସହିତ ସବୁ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ଚାହୁଁଛି । ଏଥିପାଇଁ ଦେଶରେ ଭିତ୍ତିଭୂମି ବିକାଶ ଏବଂ ନିର୍ମାଣକୁ ଗୁରୁତ୍ୱ ଦେଉଛି । ଏହା ଟ୍ରମ୍ପଙ୍କ ଆମେରିକା ପ୍ରଥମ ନୀତିର ବିରୋଧୀ । ଇଲେକ୍ଟ୍ରୋନିକ୍ସ ଏବଂ ସୌର ଉପକରଣ ଉପରେ ଭାରତ ଆମଦାନୀ ଶୁଳ୍କକୁ ବଢ଼ାଇ ଦେଇଛି । ଏଥିଯୋଗୁଁ ଆମେରିକା କମ୍ପାନୀଗୁଡ଼ିକ ପ୍ରଭାବିତ ହୋଇଛନ୍ତି । ସେହିପରି ଦକ୍ଷିଣ କୋରିଆ, ମରିସସ୍, ଜାପାନ, ଅଷ୍ଟ୍ରେଲିଆ, ବ୍ରିଟେନ୍ ଆଦି ୧୩ଟି ଦେଶ ସହ ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍ଟିଏ) ସ୍ୱାକ୍ଷର କରିଛି । ଏହା ମଧ୍ୟ ଆମେରିକାକୁ ଚିନ୍ତାରେ ପକାଇ ଦେଇଛି । ଭାରତର ଏହି ସ୍ୱତନ୍ତ୍ରତା ବିଶ୍ୱ ବ୍ୟାପାରକୁ ନିୟନ୍ତ୍ରଣ କରିବା ପାଇଁ ଟ୍ରମ୍ପ ଦେଖୁଥିବା ସ୍ୱପ୍ନକୁ ଦୁର୍ବଳ କରିଦେଇଛି । ତେଣୁ ସେ ଭାରତ ବିରୋଧୀ ହୋଇ ଯାଇଥିବା କୁହାଯାଉଛି ।



## ରୁଷ୍ରୁ ଭାରତର ତୈଳ ଆମଦାନି


୨୦୨୨ ଫେବୃଆରୀରେ ରୁଷ୍ ୟୁକ୍ରେନ ଉପରେ ଆକ୍ରମଣ କରିଥିଲା । ଏଥିଯୋଗୁଁ ରାତାରାତି ବିଶ୍ୱ ତୈଳ ବଜାରରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ବିଶ୍ୱର ତୃତୀୟ ସର୍ବାଧିକ ତୈଳ ଆମଦାନୀ କରୁଥିବା ଭାରତ ଏହାକୁ ଏକ ସୁଯୋଗ ଭାବେ ଦେଖିଥିଲା । ରୁଷ୍ ଅଶୋଧିତ ତୈଳ ଶସ୍ତା ଥିଲା । ପାଶ୍ଚାତ୍ୟ ଦେଶଗୁଡ଼ିକ ପଛଘୁଞ୍ଚା ଦେଉଥିବାବେଳେ ଭାରତ କଟକଣାକୁ ଖାତିର ନ କରି ରୁଷ୍ଠାରୁ ତୈଳ ଆଣିଥିଲା । ଚୀନ୍ ସହିତ ଭାରତ ଯୁଦ୍ଧ ଯୋଗୁଁ ବୁଡି ଯାଉଥିବା ରୁଷ୍ ଅର୍ଥନୀତିକୁ ବଳ ଦେଇଥିଲେ । ନାଟୋ ଦେଶଗୁଡ଼ିକ ରୁଷ୍ କମ୍ପାନୀ ଉପରେ କଟକଣା ଲଗାଉଥିବାବେଳେ ଭାରତ ବ୍ୟାପାର ବଢ଼ାଇ ଚାଲିଥିଲା । ୟୁକ୍ରେନ ଯୁଦ୍ଧ ପୂର୍ବରୁ ରୁଷ୍ଠାରୁ ଭାରତ ନିଜ ଚାହିଦାର ମାତ୍ର ଏକ ପ୍ରତିଶତ ତୈଳ ଆଣୁଥିବାବେଳେ ଏବେ ତାହା ୪୦-୪୪ ପ୍ରତିଶତରେ ପହଞ୍ଚି ଯାଇଛି । ମେ'ରେ ରୁଷ୍ଠାରୁ ଭାରତ ଦିନକୁ ୧.୯୬ ମିଲିୟନ ବ୍ୟାରେଲ ତେଲ ଆଣୁଥିଲା । ଏବେ ଦିନକୁ ୧୭.୮ ଲକ୍ଷ ବ୍ୟାରେଲ୍ ତେଲ ଆଣୁଛି । ଭାରତର ଏହି ନୀତି ଟ୍ରମ୍ପଙ୍କୁ ଚିଡ଼ାଇ ଦେଇଛି । ରୁଷ୍ଠାରୁ ତେଲ କିଣି ୟୁକ୍ରେନ ଯୁଦ୍ଧକୁ ଭାରତ ପାଣି ଯୋଗାଉଛି ବୋଲି ଆମେରିକା ଅଭିଯୋଗ କରିଥିଲା । ତେଣୁ ମସ୍କୋଠୁ ତେଲ ନ ଆଣିବା ପାଇଁ ଟ୍ରମ୍ପ ବାରମ୍ବାର ଭାରତକୁ ଧମକ ଦେଇ ଚାଲିଛନ୍ତି । ସେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି । ରୁଷ୍ଠାରୁ ଶସ୍ତାରେ ତେଲ ଆଣି ଭାରତ ଖୋଲା ବଜାରରେ ଲାଭରେ ବିକ୍ରି କରୁଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି । ଯଦି କାରବାର ବନ୍ଦ ନ କରିବ ତେବେ ଅଧିକ ଶୁଳ୍କ ଲଗାଯିବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି । ■



# ଟ୍ରମ୍ପ ଟାରିଫ୍ ଓ ଟ୍ରେଡ୍




**ସମ୍ପ୍ରତି ବିଶ୍ୱ ଏକ ଜଟିଳ ପରିସ୍ଥିତି ଦେଇ ଗତି କରୁଛି. ଯୁଦ୍ଧ, ବିଦ୍ରୋହ, ଆତଙ୍କବାଦ, ସୀମା ବିବାଦ ଏବଂ ପରିବେଶ ପରି ଗମ୍ଭୀର ସମସ୍ୟା ଅନେକ ମାତ୍ରାରେ ବଢ଼ିଯାଇଛି । ବିଶ୍ୱ ଏପରି ସଙ୍କଟ ସମୟରେ ନିଆଁରେ ଘିଅ ଦେବା ଭଳି ପରିସ୍ଥିତି ସୃଷ୍ଟି କରିଛି, ଶକ୍ତିଶାଳୀ ରାଷ୍ଟ୍ର ଆମେରିକାର ଟାରିଫ୍ ୱାର୍ ।**



ଅନନ୍ତ ଚରଣ ସ୍ୱାଇଁ

## ଟାରିଫ୍ କ'ଣ

ଟାରିଫ୍ ହେଉଛି ଅନ୍ୟ ଦେଶମାନଙ୍କଠାରୁ କିଣା ଯାଇଥିବା ପଣ୍ୟ ପାଇଁ ଧାର୍ଯ୍ୟ କରାଯାଇଥିବା ଟିକସ । ସାଧାରଣତଃ, ଏହା ପଣ୍ୟ ମୂଲ୍ୟର ଏକ ନିର୍ଦ୍ଧାରିତ ଶତକଡ଼ା ଅଂଶ । ମନେକର ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟ ଉପରେ ସରକାରଙ୍କ ଦ୍ୱାରା ୨୦% ଟାରିଫ୍ ବା ଅମଦାନି ଟିକସ ଧାର୍ଯ୍ୟ କରାଯାଇଛି. ଦ୍ରବ୍ୟଟିର ୟୁନିଟ୍ ପିଛା ମୂଲ୍ୟ ୨୦୦୦୦ ଟଙ୍କା । ଦ୍ରବ୍ୟଟିର ମୂଲ୍ୟ ୪୦୦୦ ଟଙ୍କା ( ୨୦୦୦୦ର ୨୦%) ବୃଦ୍ଧି ପାଇ ୨୪୦୦୦ ଟଙ୍କା ହେବ, ବସ୍ତୁର ଆମଦାନି ମୂଲ୍ୟ । ଆମଦାନି ଟିକସ ବଢ଼ିଲେ ଦ୍ରବ୍ୟର ବିକ୍ରୟ ମୂଲ୍ୟରେ ତଦନୁପାତିକ ବୃଦ୍ଧି ଘଟେ ।

ଯେଉଁ କମ୍ପାନୀଗୁଡ଼ିକ ଆମଦାନି କରିଥାଆନ୍ତି ସେମାନେ, ସରକାରଙ୍କୁ ଏହି ଟିକସ୍ ବା ଟାରିଫ୍ ଦେବାକୁ ପଡ଼ିଥାଏ । ଫଳରେ କମ୍ପାନୀଗୁଡ଼ିକ ଆମଦାନି ଉପରେ ହେଉଥିବା ଅତିରିକ୍ତ ଖର୍ଚ୍ଚର କିଛି ଅଂଶ କିମ୍ବା ସମସ୍ତ ଖର୍ଚ୍ଚ ଗ୍ରାହକଙ୍କଠାରୁ ଆଦାୟ କରନ୍ତି । ମୂଲ୍ୟ ବୃଦ୍ଧି ହେତୁ ବଜାରରେ ଦ୍ରବ୍ୟର ଚାହିଦା କମିଯାଏ. ଏଣୁ କମ୍ପାନୀଗୁଡ଼ିକ କମ୍ ପରିମାଣର ପଣ୍ୟ ରପ୍ତାନି କରିବା ପାଇଁ ନିଷ୍ପତ୍ତି ନେଇ ଥାଆନ୍ତି ।

## କାହିଁକି ଟ୍ରମ୍ପଙ୍କ ଟାରିଫ୍ ଘୋଷଣା

ବର୍ଦ୍ଧିତ ଶୁଳ୍କ ଫଳରେ ଆମଦାନି ଦ୍ରବ୍ୟ ମହଙ୍ଗା ହୋଇଯିବ । ଫଳରେ ଗ୍ରାହକମାନେ ଆମେରିକାରେ ପ୍ରସ୍ତୁତ ଘରୋଇ ଦ୍ରବ୍ୟ କିଣିବାରେ ଅଧିକ ଗୁରୁତ୍ୱ ଦେବେ । ଏହା ଘରୋଇ ଉଦ୍ୟୋଗ ଓ ଆମେରୀକୀୟ କମ୍ପାନୀ ଗୁଡ଼ିକର ଉତ୍ପାଦନ ଓ ଦକ୍ଷତା ବଢ଼ାଇବାର ଏକ ପ୍ରୋତ୍ସାହନ । ବ୍ୟାବସାୟିକ ଲାଭ ମିଳିଲେ ଘରୋଇ ନିବେଶକମାନେ ଅଧିକ ପୁଞ୍ଜି ବିନିଯୋଗ କରିବେ ।

## ଆମେରିକା ହେବ ଅଧିକ ଶକ୍ତିଶାଳୀ ଓ ଉନ୍ନତ

ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ତାଙ୍କର ବିବାଦୀୟ ଓ ବିରୋଧାଭାସ ମନ୍ତବ୍ୟ ପାଇଁ ସର୍ବଦା ଚର୍ଚ୍ଚିତ । ତାଙ୍କର ଯୁକ୍ତି ହେଉଛି ଯେ ଆମେରିକାକୁ 'ଠକମାନେ' ଅପବ୍ୟବହାର କରିଛନ୍ତି ଏବଂ ବିଦେଶୀମାନେ ବର୍ଷ ବର୍ଷ ଧରି 'ଲୁଣ୍ଠନ' କରିଆସୁଛନ୍ତି । ରଷିଆ ଓ ୟୁକ୍ରେନ୍ ଯୁଦ୍ଧର ଭୟାବହତା ସମସ୍ତ ବିଶ୍ୱବାସୀଙ୍କୁ ବ୍ୟଥିତ କରିଛି । ସମସ୍ତ ସମ୍ବେଦନଶୀଳ ରାଷ୍ଟ୍ର, ଦେଶ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧ ବିରତି ସହ ସମଗ୍ର ବିଶ୍ୱରେ ଶାନ୍ତି ଚାହାନ୍ତି । ଆଲୋଚନା ମାଧ୍ୟମରେ ଶାନ୍ତି ଆଣିବାରେ ଆଖିଦୃଶିଆ ଅଗ୍ରଗତି ହୋଇପାରୁନାହିଁ । ଯୁଦ୍ଧରେ ଜଡ଼ିତ କେତେକ ରାଷ୍ଟ୍ରନେତାଙ୍କ ଅହଂକାର ଓ ଅହମିକା ଶାନ୍ତି ପକ୍ରିୟାରେ ବ୍ୟାଘାତ ସୃଷ୍ଟି କରୁଛି । ଆସନ୍ତା କିଛି ଦିନ ମଧ୍ୟରେ ରୁଷିଆ ୟୁକ୍ରେନ ଯୁଦ୍ଧ ଶେଷ କରିବାକୁ ଦୁଇ ପକ୍ଷ ରାଜି ନହେଲେ, ରୁଷିଆ ସହିତ ବାଣିଜ୍ୟ କରୁଥିବା ଦେଶମାନଙ୍କ ଉପରେ ଟାରିଫ୍ ବୃଦ୍ଧି କରିବାକୁ ଟ୍ରମ୍ପ୍ ଧମକ ଦେଇଛନ୍ତି । ଟ୍ରମ୍ପଙ୍କ ଧାରଣା ଯେ ରୁଷିଆ ସହ ବ୍ୟବସାୟ କରୁଥିବା ଦେଶଗୁଡ଼ିକ ସେମାନଙ୍କ କାରବାର ବନ୍ଦ କରିଦେଲେ, ହୁଏତ ରୁଷିଆର ରପ୍ତାନି ଶିଳ୍ପ ଉପରେ ନକରାତ୍ମକ ପ୍ରଭାବ ପଡ଼ିବ । ଏହାର ଅର୍ଥନୀତିକୁ ଗମ୍ଭୀର ଭାବେ ପ୍ରଭାବିତ କରିବ । ଏପରି ସ୍ଥିତି ଉପୁଜିଲେ, ରୁଷିଆ ହୁଏତ ୟୁକ୍ରେନ ସହ ଯୁଦ୍ଧ ବିରତି ଆଲୋଚନା ପାଇଁ ନିଜର ସହମତି ଜଣାଇବ ।

## ଭାରତ ଉପରେ ଟ୍ରମ୍ପଙ୍କ ରାଗିବା କାରଣ

ଅତୀତରେ ଆମେରିକା ରାଷ୍ଟ୍ରପତି ଟମ୍ପ, ଭାରତର ପ୍ରଧାନମନ୍ତ୍ରୀଙ୍କୁ ନିଜର ଘନିଷ୍ଠ ବନ୍ଧୁ କହି ପ୍ରଶଂସା କରିଥିଲେ । ବିବାଦୀୟ ମନ୍ତବ୍ୟ ପାଇଁ ସବୁବେଳେ ଚର୍ଚ୍ଚାରେ, କେତେବେଳେ ଭିତ୍ତିହୀନ ଦାବି ତ ଆଉ କେତେବେଳେ ନିଜର ପ୍ରଶଂସା ପାଇବାକୁ ଭାରତ ପାକିସ୍ଥାନ ମଧ୍ୟରେ ମଧ୍ୟସ୍ଥତା କରିଥିବା କଥା କହିଥାଆନ୍ତି । ନିକଟରେ ଏକ ରିପୋର୍ଟରେ କୁହାଗଲା ଯେ, ରୁଷିଆରୁ ଭାରତ ଅଶୋଧିତ ତୈଳ ଅମଦାନି ବନ୍ଦ କରି ଦେଇଛି । ଏ କଥାକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛି ଭାରତ ।

ସ୍ଥିତି ସହିତ ପରିଚିତ ଲୋକଙ୍କ କହିବା ଅନୁସାରେ, ମୋଦୀ ସରକାର ଭାରତୀୟ ତେଲ ଶୋଧନକାରୀଙ୍କୁ ରୁଷିଆର ତେଲ କ୍ରୟ ଦେଇ ନାହାଁନ୍ତି ଏବଂ କ୍ରୟ ବନ୍ଦ କରିବାକୁ କୌଣସି ନିଷ୍ପତ୍ତି ନିଆଯାଇନାହିଁ । ରାଜ୍ୟ ଏବଂ ବ୍ୟକ୍ତିଗତ ଶୋଧନକାରୀମାନେ ନିଜର ପସନ୍ଦର ସ୍ରୋତରୁ କ୍ରୟ କରିବାକୁ ଅନୁମତିପ୍ରାପ୍ତ ଏବଂ ଅଶୋଧିତ ତେଲ କ୍ରୟ ଏକ ବାଣିଜ୍ୟିକ ନିଷ୍ପତ୍ତି ଅଟେ । ରୁଷିଆରୁ ଭାରତ ଦୈନିକ ୨.୦୮ ମିଲିୟନ୍ ବ୍ୟାରେଲ୍ ଅଶୋଧିତ ତୈଳ ଆମଦାନି କରେ । ଚୀନ ପରେ ଦ୍ୱିତୀୟ ଦେଶ ଭାବେ ସବୁଠୁ ଅଧିକ ଆମଦାନି କରେ ଭାରତ । ରୁଷିଆରୁ ଅଶୌଧିତ ତୈଳ ଓ ପ୍ରତିରକ୍ଷା ସାମଗ୍ରୀର ଆମଦାନି କରୁଥିବାରୁ ଭାରତ ଉପରେ ଆମେରିକ ଖୁବ୍ କ୍ଷୁବ୍ଧ । ଆମେରିକାର କହିବାର ଉଦ୍ଦେଶ୍ୟ ହେଉଛି ଏହାଦ୍ୱାରା ଭାରତ ରୁଷିଆକୁ ପରୋକ୍ଷରେ ଯୁଦ୍ଧରେ ସାହାଯ୍ୟ କରୁଛି ।



## ଭାରତ ଉପରେ ଶୁଳ୍କର ପ୍ରଭାବ

୨୦୨୪-୨୫ରେ ଯୁକ୍ତରାଷ୍ଟ୍ର ଚତୁର୍ଥ ବର୍ଷ ପାଇଁ ଭାରତର ସର୍ବବୃହତ ବାଣିଜ୍ୟ ସହଭାଗୀ ଥିଲା, ଯାହାର ଦ୍ୱିପକ୍ଷୀୟ ବାଣିଜ୍ୟ ମୂଲ୍ୟ ୧୩୧.୮୪ ବିଲିୟନ୍ ଡଲାର୍ । ବର୍ଦ୍ଧିତ ଅମଦାନି ଶୁଳ୍କ ଦ୍ୱାରା ସମ୍ଭାବ୍ୟ ରପ୍ତାନି ହ୍ରାସ ହେବାର ସମ୍ଭାବନା ଅଧିକ । ଟେକ୍ସଟାଇଲ୍, ସାମୁଦ୍ରିକ ଖାଦ୍ୟ ଏବଂ ରତ୍ନ ଭଳି ଶ୍ରମ-ବହୁଳ କ୍ଷେତ୍ରଗୁଡ଼ିକରେ ଭାରତର ପ୍ରତିଯୋଗିତାକୁ ଦୁର୍ବଳ କରିଦେବ । କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (SMEs) ପାଇଁ ବିପଦ । ସେହିପରି ଟେକ୍ସଟାଇଲ୍, ଚମଡ଼ା ଏବଂ ହସ୍ତଶିଳ୍ପ ଭଳି ଶ୍ରମ-ବହୁଳ କ୍ଷେତ୍ର, ସୀମିତ ପୁଞ୍ଜି ଏବଂ ଅଳ୍ପ ମାର୍ଜିନ୍ ସହିତ କାରବାର କରୁଥିବା SMEs ଉପରେ ଶୁଳ୍କ ବୃଦ୍ଧିର ପ୍ରଭାବ ପଡ଼ିବ ।

## ଅସ୍ଥିରତାରୁ ସ୍ଥିରତା

ଆମେରିକାର ଆମଦାନି ଶୁଳ୍କ ବୃଦ୍ଧି ଦ୍ୱାରା ବିଶ୍ୱରେ ଆର୍ଥିକ ଅସ୍ଥିରତା ଦେଖାଦେବ । ଏହି ସମୟରେ ନୂତନ ଉପାୟରେ ବ୍ୟବସାୟ କରିବାର ଦକ୍ଷତା ଦେଖାଇବା ହେଉଛି ବିଜ୍ଞତାର କାମ ।


ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନମୁଖୀ ଆମଦାନି ଶୁଳ୍କ ବୃଦ୍ଧି ନିଷ୍ପତ୍ତି ବିଶ୍ୱ ବାଣିଜ୍ୟ ଉପରେ କୁପ୍ରଭାବ ପକାଇବ । ଡରାଇ ଥରାଇ, ଭୟଭୀତ କରି ନିଜର ସ୍ୱାର୍ଥ ହାସଲ କରିବାରେ, ଟ୍ରମ୍ପଙ୍କ ପ୍ରଚେଷ୍ଟା ଫଳପ୍ରଦ ହୋଇନପାରେ । ରୁଷିଆରୁ ଏବେ ବି ଆମେରିକା ସାର, ୟୁରାନିୟମ୍, ପ୍ଲୁଟୋନିୟମ ଏବଂ ପଲାଡିୟମ୍ ଆଦି ଆମଦାନି କରୁଛି । ନିଜେ ଆମଦାନି କରୁଥିଲା ବେଳେ, ଅନ୍ୟ ରାଷ୍ଟ୍ରମାନଙ୍କୁ ରୁଷିଆ ସହ ବ୍ୟବସାୟ କରିବାକୁ ବାରଣ କରିବା ଆଦୌ ଯୁକ୍ତି ସଙ୍ଗତ ନୁହେଁ । ରାଷ୍ଟ୍ରହିତ ପାଇଁ ଆମେରିକାର ଟାରିଫ୍ ବୃଦ୍ଧିକୁ ଗୁରୁତ୍ୱ ନଦେଇ ଭାରତ ରୁଷିଆ ସହ ବନ୍ଧୁତ୍ୱ ଓ ବାଣିଜ୍ୟ ବଜାୟ ରଖିବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ।

ସାଇ ଶ୍ରଦ୍ଧା, ୫୩୭/ କେ-୭, କଳିଙ୍ଗନଗର, ଭୁବନେଶ୍ୱର
ମୋ: ୭୩୮୦୪୬୪୭୭



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ତବଃ ବାଧତି ବାଧତେ

ପଦ୍ମଦଳର ଦୁର୍ବାସା ଓରଫ୍ ବାଲେଶ୍ୱରର ନନା ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ନ ଜାଣିବା ଲୋକ ଓଡ଼ିଶାରେ ନାହାନ୍ତି । ରାମକୃଷ୍ଣଙ୍କ ଆଦର୍ଶରେ ଅନୁପ୍ରାଣିତ ସନ୍ୟାସୀଦର୍ଶୀ ନନାଙ୍କ ଦୀର୍ଘ ସଫେଦ ଶ୍ମଶ୍ରୁ ଓ ସଂସ୍କୃତ ଜ୍ଞାନ ତାଙ୍କୁ ସାରା ଦେଶରେ ବି ପରିଚିତ କରିଛି । ଏପରିକି ନନାଙ୍କ ସରଳ ଜୀବନଯାପନରେ ପ୍ରଭାବିତ ତାଙ୍କ ଦଳର ଶୀର୍ଷ ନେତା କେନ୍ଦ୍ରରେ ଅଳ୍ପ କେଇ ମାସ ହେଲେ ବି ମନ୍ତ୍ରୀ ଭାବରେ ସେବା କରିବାକୁ ବି ସୁଯୋଗ ଦେଇଛନ୍ତି । ମାତ୍ର କେଇ ମାସ ତଳେ ଲୋକସଭାରେ ତାଙ୍କ ମୁଣ୍ଡରେ ଲାଗିଥିବା ଗଭୀର ଆଘାତ (!) ଯୋଗୁଁ ସେ କୁଆଡ଼େ ବେଳେବେଳେ ମାନସିକ ଭାରସାମ୍ୟ ହରାଇ ବସୁଛନ୍ତି ଓ ସ୍ମୃତିଶକ୍ତି ବିଭ୍ରମର ଶିକାର ହୋଇଛନ୍ତି ବୋଲି ବାଲେଶ୍ୱର ଅଞ୍ଚଳରେ ଲୋକମାନେ କଥାବାର୍ତ୍ତା ହେଉଥିବା ଆମେ ଶୁଣିବାକୁ ପାଇଛୁ । କେଉଁ ପରିସ୍ଥିତିରେ ସିଏ ଲୋକସଭାରେ ପଡ଼ିଗଲେ ବା ତାଙ୍କୁ କିଏ ଠେଲି ଦେଇ ପଳାଇଲା ତାହା ଭିନ୍ନ କଥା; ମାତ୍ର ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ତାଙ୍କ ନିକଟରେ ଫେରାଦ ହେବାକୁ ଆସିଥିଲା ବୋଲି ନନାଙ୍କ ସ୍ୱୀକାରୋକ୍ତି ପରେ ସେ ସ୍ମୃତିଶକ୍ତି ବିଭ୍ରମର ଶିକାର ହୋଇଥିବା ଆମେ ଆଦୌ ବିଶ୍ୱାସ କରିପାରୁ ନାହୁଁ । କିନ୍ତୁ ଏପରି ସମୟରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ସାଂସଦଙ୍କ ତର୍କ ଆହ୍ୱାନ, ଅଗ୍ଲାନି ବୋଧ ଅନେକଙ୍କୁ ବିସ୍ମିତ କରିଛି । ସବାରୀ ବୋହିବା କଷ୍ଟଠାରୁ ମହାକବି କାଳିଦାସଙ୍କୁ ରାଜାଙ୍କ ଅଶୁଦ୍ଧ ସଂସ୍କୃତ ଉଚ୍ଚାରଣ ଅଧିକ କଷ୍ଟପ୍ରଦ ହୋଇଥିଲା । ସେଥିପାଇଁ ତତ୍କ୍ଷଣାତ୍ ସେ ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ- ସ୍କନ୍ଦଂ ନ ବାଧତେ ରାଜନ୍, ତବ ବାଧତି ବାଧତେ । ନନା ତ ସଂସ୍କୃତ ବିଦ୍ୱାନ, ସେ କ'ଣ ଏ କଥା ବୁଝି ପାରି ନ ଥିବେ? ■



## ଏକୋଇର ବଳା ବିଶିକେଶନ

ବାବୁ ସ୍ମିତହାସ ପ୍ରିୟଦର୍ଶୀ ଓରଫ୍ ସୌମେନ୍ଦ୍ର ପ୍ରିୟଦର୍ଶୀ ହେଉଛନ୍ତି ରାଜ୍ୟ ପୁଲିସର ଏକମାତ୍ର ଏକୋଇର ବଳା ବିଶିକେଶନ; ଯିଏ ସବୁ କାର୍ଯ୍ୟରେ ପ୍ରବୀଣ ଓ ସବୁ ଅସାଧ କାର୍ଯ୍ୟର ସୂତ୍ରଧର । ପ୍ରିୟଦର୍ଶୀ ଆଜ୍ଞାଙ୍କ ସ୍ମିତହାସ୍ୟ ଓ ମଧୁର ସମ୍ବୋଧନରେ ସବୁ ରାଜନୈତିକ ଦଳର ନେତାମାନେ ସମ୍ମୋହିତ । ତାଙ୍କର କାହା ସହ ବିବାଦ ନାହିଁ କି କାହା ପ୍ରତି ସେ ସର୍ବ ସମ୍ମୁଖରେ ଅସୂୟାଭାବ ପୋଷଣ କରିଥିବା କେହି ଦେଖି ନାହାନ୍ତି । ସେଥିପାଇଁ ସବୁବେଳେ ସେ ସମସ୍ତଙ୍କର ପ୍ରିୟତମ ପ୍ରିୟଦର୍ଶୀ ହୋଇ ରହି ଆସିଛନ୍ତି । ଗଲା ସରକାରରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦରେ ଥିଲେ, ସରକାର ବଦଳିବା ପରେ ପୁଲିସ ଅଧୁନିକୀକରଣ ସହ ଓପିଏଚ୍‌ଡ଼ବ୍ଲ୍ୟୁସିର ମୁଖିଆ ଭାବରେ ଅତିରିକ୍ତ ଦାୟିତ୍ୱ ପାଇଲେ । ରାଜ୍ୟରେ ପୁଲିସ ସମ୍ମିଳନୀ ହେବା ବେଳକୁ ପ୍ରିୟଦର୍ଶୀଙ୍କୁ ଖୋଜା ପଡ଼ିଲା । ରଥଯାତ୍ରାରେ ରଥ ଗଡ଼ିଲା ନାହିଁ, ଦଳାଚକଟାରେ ତିନିଜଣ ମଲେ; ସରକାର ପ୍ରିୟଦର୍ଶୀଙ୍କୁ ଖୋଜିଲେ । ଏବେ ରାଜ୍ୟ ସରକାରଙ୍କ ବରିଷ୍ଠ ପୁଲିସ ଅଧିକାରୀଙ୍କ ସମ୍ମିଳନୀ ଦାୟିତ୍ୱ ବି ପ୍ରିୟଦର୍ଶୀଙ୍କ ଉପରେ ନ୍ୟସ୍ତ । ପ୍ରିୟଦର୍ଶୀ ତାଙ୍କ କାର୍ଯ୍ୟରେ ଅତ୍ୟନ୍ତ ଦକ୍ଷ, ଏଥିରେ କାହାର ସନ୍ଦେହ ଥିବ ବୋଲି ଆମେ ଭାବୁନାହୁଁ । ମାତ୍ର ପ୍ରିୟଦର୍ଶୀଙ୍କ ପ୍ରତି ସରକାରଙ୍କ ଅତ୍ୟଧିକ ପ୍ରିୟଭାବ କୁଆଡ଼େ ଅନେକ ପୁଲିସ ଅଧିକାରୀଙ୍କୁ ଅସୁଖୀ କରିଛି । ଭୁବନେଶ୍ୱର କ୍ଲବ୍‌ର କକ୍‌ଟେଲ ଚେୟାର ଏହି ଅସୁଖୀପଣର ସାକ୍ଷୀ । କିଛି ପୁଲିସ ବାବୁ ତ କ୍ଲବ୍‌ର ବିଲିୟାଡ଼ର୍ ଟେବୁଲରେ 'କ୍ୟୁ' ଷ୍ଟିକ୍‌ରେ ଅବଜେକ୍ଟ ବଲ ଉପରେ ଏହାର ରାଗ ଶୁଝାଉଥିବା ଖବର ଲୋକସେବା ଭବନରେ ପହଞ୍ଚିଥିବା ଖବର ମିଳିଛି । ଏ କଥା ସ୍ମିତହାସ ପ୍ରିୟଦର୍ଶୀ ବାବୁ ଶୁଣିଲେଣି କି ନାହିଁ କେଜାଣି ? ■



## ସତ କହିଲେ ସତୀ ବିଗିଡ଼େ

ପ୍ରକାଶ ବିଜୁଳି ହେଉଛନ୍ତି ବେଗୁନିଆ ଅଞ୍ଚଳର ପଦ୍ମ ଦଳିଆ ନେତା, ଗଲା ନିର୍ବାଚନରେ ଦଳ ତାଙ୍କ ଗଳାରେ ଗେରୁଆ ଗାମୁଛା ପକାଇ ପଦ୍ମ ଚିହ୍ନରେ ମଇଦାନକୁ ଛାଡ଼ିଥିଲା । ଭୋଟରେ ହାରି ଥିଲେ ବି ରାଜ୍ୟରେ ଏବେ ବିଜୁଳିଙ୍କ ପାର୍ଟି ଶାସନ କରୁଛି । ମାତ୍ର ବେଗୁନିଆରେ ବିଜୁଳିଙ୍କର ଯେପରି ପତିଆରା ରହିବା କଥା, ସେପରି ପତିଆରା ଦିଶୁନାହିଁ । ତାଙ୍କ ପତିଆରା ଗଛ କଅଁଳିଲା ବେଳକୁ ଷଡ଼ଙ୍ଗୀ ମ୍ୟାଡ଼ାମ୍ କଇଁଚି ଧରି କଚ୍‌କଚ୍ କରି ସାଇଜ୍ କରି ଦେଉଛନ୍ତି, ଆଉ ଚେର ଟିକିଏ ଲମ୍ବିବା ବେଳକୁ ଖୁରୁପି ଧରି ଟିକ୍‌ଟିକ୍ କରି ଦେଉଛନ୍ତି ସାଂସଦଙ୍କ ଅନୁଗତ ପ୍ରତିନିଧି ଜଗଦ୍ଦେବ ମହାଶୟ । ଏଥିରେ ବିଚରା ବିଜୁଳି କରିବେ ବା କ'ଣ? ରାଜ୍ୟ ସଭାପତିଙ୍କ ଠାରୁ ଆରମ୍ଭ କରି ଦଳର ଛାମୁଆ ନେତାଙ୍କ ପାଖରେ ଫେରାଦ ହେଲେ ବି କେହି ଜଣେ ତାଙ୍କ ଦୁଃଖ ଦେଖି ଆହା ପଦେ କହୁ ନାହାନ୍ତି । ଯାହା ତ ଚାଲିଥିଲା ଚାଲିଥିଲା, ମାତ୍ର କେଇ ଦିନ ତଳେ ଖୋର୍ଦ୍ଧାରେ ଘଟିଥିବା ଘଟଣା ବିଜୁଳିବାବୁଙ୍କ ସବୁ ମାନସମ୍ମାନ ମାଟିରେ ମିଶାଇ ଦେଲା । ତାଙ୍କରି ଦଳର ଲୋକମାନେ ତାଙ୍କୁ ରାସ୍ତା ଉପରେ ଖାଲି ବେଜିତ୍ କଲେ, ମାରପିଟ୍ କରିବା ସହ ତାଙ୍କ ଗାଡ଼ି ଭାଙ୍ଗିଲେ । କିଛିଦିନ ତଳେ ଷଡ଼ଙ୍ଗୀ ମ୍ୟାଡାମ ଓ ଜଗଦ୍ଦେବଙ୍କ ବିରୋଧରେ ପ୍ରକାଶ ଯେଉଁ ଖୋଲାଖୋଲି ଯୁଦ୍ଧଂଦେହି ଡ଼ାକରା ଦେଇଥିଲେ, ଏହାକୁ ତାହାର ପ୍ରତିଫଳନ ବୋଲି ଅନେକ କହୁଛନ୍ତି । ଓଡ଼ିଆରେ କଥାଟିଏ ଅଛି, ସତ କହିଲେ ସତୀ ବିଗିଡ଼େ । ବୋଲଗଡ଼ ବେଗୁନିଆ ପଦ୍ମ ନେତା ପ୍ରକାଶ ବିଜୁଳି ବାବୁ ବୋଧହୁଏ ଏହି କଥାଟିର ମର୍ମ ବୁଝି ନାହାନ୍ତି ବା ତାଙ୍କ ଆଖପାଖରେ ଆତଯାତ ହେଉଥିବା ସହକର୍ମୀମାନେ ପ୍ରକାଶବାବୁଙ୍କୁ ଏ କଥା ବୁଝାଇବାରେ ସମର୍ଥ ହୋଇ ନାହାନ୍ତି । ■



## ଗୋବିନ୍ଦଙ୍କୁ ଚିହ୍ନୁ ନାହାନ୍ତି ଅଧିକାରୀ

ରେମୁଣା ବିଧାୟକ ବାବୁ ଗୋବିନ୍ଦ ଚନ୍ଦ୍ର ବିଧାନସଭାକୁ ଦୁଇଥର ନିର୍ବାଚିତ ହୋଇଛନ୍ତି । ୨୦୧୪ରେ ନିର୍ବାଚିତ ହୋଇ ବିରୋଧୀଦଳ ଆସନରେ ବସିଥିଲେ, ୨୦୨୪ରେ ଦ୍ୱିତୀୟବାର ନିର୍ବାଚିତ ହୋଇ ଏବେ ଶାସକ ଦଳର ସଦସ୍ୟ ଓ ବିଧାନସଭାରେ ଶାସକ ବିଜେପିର ଉପ ମୁଖ୍ୟ ସଚେତକ । ଏତେ ବଡ଼ ପାହ୍ୟାରେ ଥିଲେ ବି ଅଫିସରମାନେ କୁଆଡ଼େ ତାଙ୍କୁ ଚିହ୍ନି ପାରୁନାହାନ୍ତି, ଉପମୁଖ୍ୟ ସଚେତକ ବା ଡ଼େପୁଟୀ ଚିଫ୍ ହ୍ୱିପ୍ କହିଲେ ବାବୁମାନେ ବୁଝି ପାରୁ ନାହାନ୍ତି । ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ କହିଲେ ଯାଇ ନମସ୍କାର କରୁଛନ୍ତି । ଗୋବିନ୍ଦବାବୁ ସରଳିଆ ଲୋକ, ସେଥିପାଇଁ କହୁକହୁ ଏ କଥା କହି ପକାଇଛନ୍ତି । ହେଲେ ତାଙ୍କ ମନରେ ବହୁତ କ୍ଷୋଭ । ସରକାରୀ ବାବୁମାନେ ବିଧାୟକଙ୍କୁ ଚିହ୍ନିବେ, ମାତ୍ର ଡ଼େପୁଟୀ ଚିଫ୍ ହ୍ୱିପ୍‌ଙ୍କୁ ଚିହ୍ନିବେ ନାହିଁ? ଅବଶ୍ୟ ପୂର୍ବରୁ ମନ୍ତ୍ରୀ, ବାଚସ୍ପତି, ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକଙ୍କ ଗାଡ଼ି ମଥାନରେ ନାଲିବତି ଜଳୁଥିଲା; ସେଥିପାଇଁ ଲୋକେ ତାଙ୍କୁ ଭିଆଇପି ମଣୁଥିଲେ । ମାତ୍ର ଶଙ୍ଖପତିଙ୍କ ସରକାର ଅମଳରୁ ନାଲିବତି ପରମ୍ପରା ସମାଧି ନେଇ ସାରିଛି, ତେଣୁ ନେତାମାନଙ୍କୁ ବାବୁମାନେ ଚିହ୍ନିବେ କେମିତି ? ସେଥିପାଇଁ କିଛି ମନ୍ତ୍ରୀ ରାଜଧାନୀ ବାହାରକୁ ଯିବାବେଳେ ଓ ରାଜଧାନୀ ଭିତରେ ବୁଲିବା ବେଳେ ବି ପୁଲିସ ଏସକର୍ଟ ନେଉଥିବା ଦେଖାଯାଉଛି । ନେତା, ମନ୍ତ୍ରୀଙ୍କ ଆଗରେ ପୁଲିସ ଗାଡ଼ି ପେଁ ପେଁ କରି ଯିବା ଆଉ ଭିଆଇପି-ଭିଭିଆଇପିଙ୍କ କାର୍ଯ୍ୟକ୍ରମ ପାଇଁ ରାଜଧାନୀ ପୁଲିସର ଅଧା ପୁଲିସ ସବୁଦିନ ଫୁଲ୍ ଟାଇମ୍ ନିୟୋଜିତ । ତେଣୁ ଗୋବିନ୍ଦବାବୁ ବି ସେମିତି କିଛି ଫର୍ମୁଲା ବାହାର କରନ୍ତୁ; ନ ହେଲେ ଭଜୁ କି ନାମ ରାମ ଗାଇଗାଇ ନିରାସକ୍ତ ହୋଇ ଯାଆନ୍ତୁ । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।